# ପୂର୍ଣ୍ଣାଙ୍ଗ ଜୀବନର ପଥ

## ସୂଚନା

ଜୀବନକୁ ସର୍ବାଙ୍ଗୀନ, ସୌଷ୍ଠବମୟ, ଶକ୍ତିଶାଳୀ ଓ ସମୃଦ୍ଧ କରି ଗଢ଼ିତୋଳିବାକୁ ହେଲେ ଆମ୍ଭମାନଙ୍କୁ ଯେଉଁ ପଥ ବା ମୂଳନୀତିର ଅନୁସରଣ କରିବାକୁ ହେବ, ତାହା ମଧ୍ୟ ସର୍ବାଙ୍ଗୀନ ହେବା ଉଚିତ । ପୂର୍ଣ୍ଣାଙ୍ଗ ପଥର ଅନୁସରଣ ବିନା ପୂର୍ଣ୍ଣାଙ୍ଗ ଜୀବନର ଉପଲବ୍ଧି ଅସମ୍ଭବ । ମାନବ-ଜୀବନର ସକଳ ସତ୍ତାର – ଶରୀର, ପ୍ରାଣ, ମନ ଓ ଆତ୍ମାର – ପୂର୍ଣ୍ଣ ବିକାଶ ବା ପୂର୍ଣ୍ଣ ଚେତନା ଲାଭ ନ କରି କୌଣସି ଆଂଶିକ ବା ଏକମୁଖୀ ବିକାଶ ଫଳରେ କିପରି ପୂର୍ଣ୍ଣାଙ୍ଗ ଜୀବନ ଲାଭ କରିବା ଅସମ୍ଭବ ତାହା ଏହି ପୁସ୍ତିକାର ପ୍ରଥମାଂଶରେ ଆଲୋଚିତ ହୋଇଛି । କର୍ମହିଁ ଆମ୍ଭମାନଙ୍କ ଚେତନାର ପରିଚାୟକ । ଆମ୍ଭେମାନେ ଯେଉଁ ଚେତନାରେ ବାସ କରୁ, ଆମ୍ଭମାନଙ୍କ କର୍ମହିଁ ତଦନୁରୂପ ହୋଇଉଠେ । ପୁସ୍ତିକାଟିର ଶେଷାଂଶରେ ଚେତନା ଭେଦରେ ତ୍ରିବିଧ କର୍ମ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

ସଂକ୍ଷେପରେ, ପୂର୍ଣ୍ଣାଙ୍ଗ ଜୀବନର ସାଧକମାନଙ୍କୁ ଚେତନା ଓ କର୍ମର ବିକାଶସାଧନ ସକାଶେ କେଉଁ ପଥରେ ଅଗ୍ରସର ହେବାକୁ ହେବ – ତାହାହିଁ ଏହି 'ପୂର୍ଣ୍ଣାଙ୍ଗ ଜୀବନର ପଥ' ପୁସ୍ତିକାର ସାରବସ୍ତୁ ।

– ପ୍ରକାଶକ

# ପୂର୍ଣ୍ଣାଙ୍ଗ ଜୀବନର ପଥ

## ପରମାନନ୍ଦ ପ୍ରାପ୍ତିରେହିଁ ବ୍ୟଷ୍ଟି ତଥା ସମଷ୍ଟିର ହିତ :

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର କୌଣସି ନା କୌଣସି ଅଭାବ ଥାଏ । ସେ ରୋଗ-ଶୋକ, ଦୁଃଖ-ଦ୍ୱନ୍ଦ୍ୱ, ହତାଶା, ହିଂସା-ଦ୍ୱେଷାଦିରେ ପୀଡ଼ିତ । ମନୁଷ୍ୟକୁ ସୁଖଶାନ୍ତିରେ ରଖିବା ସକାଶେ ଦେଶନେତା, ଶାସକ ତଥା ବୈଜ୍ଞାନିକମାନେ ବହୁରୂପେ ପ୍ରଯତ୍ନ କରୁଛନ୍ତି, କିନ୍ତୁ ଯେତେ ନୂତନ ପ୍ରଯତ୍ନ କରାହେଉଛି, ଦୁଃଖ-ଦୁର୍ଦ୍ଦଶା ତେତେହିଁ ବୃଦ୍ଧି ହେଉଛି । ଏହାହିଁ ମନୁଷ୍ୟଜୀବନର ମହାନ୍ ସମସ୍ୟା, ଏହି ସମସ୍ୟାର ସମାଧାନ-ପନ୍ଥା କ'ଣ ?

ଉତ୍ତର : ଏହି ସମସ୍ୟାର ସମାଧାନ ରହିଛି ବ୍ୟକ୍ତି-ଜୀବନର ପୂର୍ଣ୍ଣତା ପ୍ରାପ୍ତିରେ । ଏହା ପ୍ରାପ୍ତ ହୁଏ ଚାହିବା ଦ୍ୱାରା ଏବଂ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ଜାଣି ତାହା ପ୍ରାପ୍ତ ହେବା ନିମିତ୍ତ ଯଥାର୍ଥ ପ୍ରଯତ୍ନ କରିବା ଦ୍ୱାରା ।

ପ୍ରଶ୍ନ : ବ୍ୟକ୍ତିର ପୂର୍ଣ୍ଣାଙ୍ଗ ଜୀବନ କିପରି ? ସେ କ'ଣ ଚାହେଁ ? ଏହି ପୃଥିବୀକୁ ସେ ଆସିବାର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ବ୍ୟକ୍ତିର ଜୀବନରେ ସର୍ବାଙ୍ଗୀନ ବିକାଶ ବା ପୂର୍ଣ୍ଣତା ପ୍ରାପ୍ତ ହୁଏ ମନ, ପ୍ରାଣ ତଥା ଶରୀର ଉପରେ ଅନ୍ତରାତ୍ମାର ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠା ହେବା ଦ୍ୱାରା । ତେବେ ତାହାର ଅନ୍ତରରେ ପରମାନନ୍ଦ, ପରମ ଶାନ୍ତି, ପରମ ଜ୍ଞାନର ପ୍ରତିଷ୍ଠା ହୁଏ, ସେ ହୁଏ ଅହଂମୂଳକ ହିଂସା, ଦ୍ୱେଷ, ସ୍ୱାର୍ଥ, ମୋହ, ଅଜ୍ଞାନରୁ ମୁକ୍ତ; ତାହାର ବିକାଶ ହୁଏ ସମସ୍ତ ସୁପ୍ତ କର୍ମଶକ୍ତି । ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ପରିଚାଳିତ ହୁଏ ଅନ୍ତରାତ୍ମା ଦ୍ୱାରା, ତାହାର ସମସ୍ତ ଜାଗତିକ କର୍ମ ହୁଏ ସ୍ୱାର୍ଥ ଓ ମୋହରୁ ମୁକ୍ତ ଭଗବତ୍ ସେବାରୂପେ । ତାହାର ସ୍ୱାର୍ଥ ନ ଥିବାରୁ ସେ ଅନ୍ୟର ଅନିଷ୍ଟ କରି ନିଜର ହିତସାଧନ କରେ ନାହିଁ । ଏହାହିଁ ଜୀବନର ପୂର୍ଣ୍ଣତା, ଏହି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ଏହି ପୂର୍ଣ୍ଣତାକୁହିଁ ପ୍ରତ୍ୟେକ ବ୍ୟକ୍ତି ଜ୍ଞାତ ବା ଅଜ୍ଞାତସାରରେ ଚାହୁଁଅଛନ୍ତି ।

ପ୍ରଶ୍ନ : ଜୀବନର ପୂର୍ଣ୍ଣତା, ବ୍ୟକ୍ତିର ଚାହିଁବା, ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ଏତେ ସଂକ୍ଷେପରେ କହିବା ଦ୍ୱାରା ପରିଷ୍କାର ବୁଝି ହେଲା ନାହିଁ; ସରଳଭାବେ ବିସ୍ତାରପୂର୍ବକ ବୁଝାଇଦିଅନ୍ତୁ ।

ଉତ୍ତର : ବ୍ୟକ୍ତିର ଯଥାର୍ଥ ଚାହିଁବା ତାହାର ବୁଦ୍ଧିରେ ସ୍ପଷ୍ଟ ହେଲେ ଜୀବନରେ ପୂର୍ଣ୍ଣତାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତଭାବେ ହୁଏ । ଆବାଳବୃଦ୍ଧବନିତା ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମ ଶାନ୍ତି, ବହୁମୁଖୀ କର୍ମ, ରୋଗମୁକ୍ତ ନୀରୋଗତ୍ୱ, ବାର୍ଦ୍ଧକ୍ୟମୁକ୍ତ ଚିରଯୌବନ, ମୃତ୍ୟୁମୁକ୍ତ ଅମରତ୍ୱ । ଏସବୁ ଭଗବାନଙ୍କ ଦିବ୍ୟଗୁଣ । ଏହା ପ୍ରାପ୍ତ ହୁଏ ସମସ୍ତ ସତ୍ତାରେ ବ୍ୟକ୍ତି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବାରେ । ମନୁଷ୍ୟ-ଶରୀର ମହାନ୍ ଅମୂଲ୍ୟ, ସମସ୍ତ ସମ୍ଭାବନା ତଥା ଅସାଧାରଣ ଅଫୁରନ୍ତ ଶକ୍ତିରେ ପୂର୍ଣ୍ଣ । ମନୁଷ୍ୟ-ଶରୀରରେହିଁ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରି ଜାଗତିକ ସମସ୍ତ ସମ୍ପଦ ତଥା ମୋକ୍ଷ, କୈବଲ୍ୟ ପରମପଦ ପାଇପାରେ; ଜନ୍ମମରଣରୁ ମୁକ୍ତ ହୋଇ ଭଗବାନଙ୍କ ସହ ପୂର୍ଣ୍ଣ ଏକତ୍ୱ ସ୍ଥାପନ କରି ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟ-ଶରୀର ଦେବତାଙ୍କଠାରୁ ମହାନ୍ ଉତ୍କୃଷ୍ଟ । ଦେବତାମାନଙ୍କ ମଧ୍ୟରେ ଅନ୍ତରାତ୍ମା ନ ଥାଏ, ସେହେତୁ ସେମାନଙ୍କର ଉନ୍ନତି ହୁଏ ନାହିଁ କିଂବା ସେମାନେ ଭାଗବତ ପରମପଦ, ଭାଗବତ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇ ପାରନ୍ତି ନାହିଁ । ସେମାନେ ଏହିସବୁ ଐଶ୍ୱର୍ଯ୍ୟ ତଥା ଭଗବତ୍ ପ୍ରାପ୍ତି ଚାହିଁଲେ ସେମାନଙ୍କୁ ଏହି ମୃତ୍ୟୁପୁରୀକୁ ଆସି ମନୁଷ୍ୟ ଶରୀର ଗ୍ରହଣ କରିବାକୁ ହୁଏ । କିନ୍ତୁ ସେମାନେ ସୁଖପୂର୍ଣ୍ଣ ବିଳାସମୟ ଜୀବନ ଯାପନ କରୁଥିବାରୁ ମନୁଷ୍ୟ-ଶରୀରରେ ଦୁଃଖକଷ୍ଟ ଭୋଗିବା ସେମାନଙ୍କର ପସନ୍ଦ ହୁଏ ନାହିଁ ଏବଂ ସେହିହେତୁରୁ ସେମାନେ ପରମ ଐଶ୍ୱର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ବିକାଶ ହୁଏ କେବଳ ଏହି ପୃଥିବୀରେ ମନୁଷ୍ୟ-ଶରୀରରେ ।

ମନୁଷ୍ୟ ଦେବ-ଦୁର୍ଲଭ ପରମପଦ ପ୍ରାପ୍ତ ହେବା ସକାଶେ ଏହି ପୃଥିବୀକୁ ଆସିଅଛି । କିନ୍ତୁ ମୃତ୍ୟୁପୁରୀରେ ଅଜ୍ଞାନ, ମୋହର ପ୍ରାବଲ୍ୟ ତଥା ଅନ୍ଧକାର ଶକ୍ତିର ଶାସନରେ ଶାସିତ ହେଉଥିବାରୁ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ ତା' ପାଖରେ ଅସ୍ପଷ୍ଟ ହୋଇ ରହିଛି । ତା'ର ଯେଉଁ ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ ହେବା କାମ୍ୟ, ତାହା ମୋହମାୟାଗ୍ରସ୍ତ ମନ-ପ୍ରାଣ ମଧ୍ୟଦେଇ ପ୍ରକାଶ ହେବାରୁ ବିକୃତ ହୋଇଯାଇଛି । ପରମ ସୁଖ, ପରମ ଶାନ୍ତିର ସ୍ୱରୂପ ତାହାର ଚେତନାରେ ଅସ୍ପଷ୍ଟ ହେବା ସତ୍ତ୍ୱେ ସେ ଅଜ୍ଞାନରେ ତାହାକୁହିଁ ଚାହୁଁଅଛି । ସମସ୍ତ ପ୍ରାଣୀ ଦୁଃଖ ଭୋଗୁଥିବା ସେ ଦେଖି, ଦୁଃଖ ନ ଚାହିଁ ଦୁଃଖହୀନ ପରମ ସୁଖ ଚାହୁଁଅଛି ଏବଂ ସୁଖ ପାଇବା ଆଶାରେ ସମସ୍ତ କର୍ମ କରୁଅଛି । ରୋଗ, ଜରା, ମୃତ୍ୟୁ କବଳରେ ସମସ୍ତ ପ୍ରାଣୀ କବଳିତ ହେଉଥିବା ସେ ଜାଣୁଅଛି, ସେଥିରୁ ମୁକ୍ତ ହେବାର ଉପାୟ ନ ଥିବା ସେ ହୃଦୟଙ୍ଗମ କରୁଅଛି । କିନ୍ତୁ ତା' ଅନ୍ତରର ଗଭୀରରେ ମୃତ୍ୟୁ ଉପରେ ବିଜୟ ହାସଲ କରିବାର ସମ୍ଭାବନା ଥିବାରୁ ସେ ଅମର ରହିବା ସଦୃଶ ସମସ୍ତ ଜାଗତିକ କର୍ମ କରୁଅଛି, ଅର୍ଥାତ୍ ସେ ମୃତ୍ୟୁ ଚାହୁଁ ନାହିଁ । ଯଥାର୍ଥରେ ବ୍ୟକ୍ତି ଚାହୁଁଥିବା ଏହି ଅଖଣ୍ଡ ପରମ ସୁଖ, ପରମ ଶାନ୍ତି ଥାଏ ତାହାର ଅନ୍ତରାତ୍ମାରେ । ବ୍ୟକ୍ତି ତାହା ଅଶୁଦ୍ଧ ମନ-ପ୍ରାଣରେ ଠିକ୍‌ଭାବେ ବୁଝିପାରେ ନାହିଁ । ସେହି ସକାଶେ ତାହା ପ୍ରାପ୍ତ ହେବାର ଉପାୟ ଭୁଲ୍ ହୁଏ । ପ୍ରତ୍ୟେକ ବ୍ୟକ୍ତି ଭ୍ରମବଶରେ ସେହି ଅଖଣ୍ଡ ସୁଖ ଅବିମିଶ୍ର ଶାନ୍ତିକୁ ଖୋଜନ୍ତି ନିଜ ଶରୀର, ସ୍ତ୍ରୀ, ପୁତ୍ର, ଧନ, ମାନ ଓ ଯଶଃରେ । କିନ୍ତୁ ଏସବୁ ଅସ୍ଥାୟୀ, ନାଶବାନ୍ ହୋଇଥିବାରୁ ବ୍ୟକ୍ତି ଏଥିରେ ଅଭିଳଷିତ ଅଖଣ୍ଡ ସୁଖଶାନ୍ତି ପାଏ ନାହିଁ, ପାଏ ନ ଚାହୁଁଥିବା ଏହାର ବିପରୀତ ଦୁଃଖକଷ୍ଟ ଓ ଅଶାନ୍ତି । ସୃଷ୍ଟି ଆରମ୍ଭରୁ ଏହି ଭୁଲ୍ ପ୍ରଣାଳୀରେ ବ୍ୟକ୍ତିର ମନୋରଥ ବ୍ୟର୍ଥ ହେଉଥିବା ସତ୍ତ୍ୱେ ସେ ଏହି ଭୁଲ୍‌କୁ ଭିନ୍ନ ଭିନ୍ନ ରୂପେ ପୁନରାବୃତ୍ତି କରିଆସୁଛି ।

ପ୍ରଶ୍ନ : ଏପରି ପୂର୍ଣ୍ଣାଙ୍ଗ ଜୀବନ କ'ଣ ସମ୍ଭବ ? ଅତୀତରେ କୌଣସି ବ୍ୟକ୍ତି ଏହାକୁ ପ୍ରାପ୍ତ ହୋଇଛନ୍ତି କି ?

ଉତ୍ତର : ଏହି ପୂର୍ଣ୍ଣାଙ୍ଗ ଜୀବନ କେବଳ ସମ୍ଭବ ନୁହେଁ, ଅନିବାର୍ଯ୍ୟ । ଏହି ଉଦ୍ଦେଶ୍ୟରେହିଁ ଭଗବାନଙ୍କ ସୃଷ୍ଟି । ଏପର୍ଯ୍ୟନ୍ତ ଏହି ପୂର୍ଣ୍ଣାଙ୍ଗ ଜୀବନ ପୃଥିବୀରେ ପ୍ରତିଷ୍ଠିତ ହୋଇ ନାହିଁ, ଏହା ପ୍ରାପ୍ତ ହେବା ଲକ୍ଷ୍ୟରେ ମନୁଷ୍ୟ-ଜାତି ଗତି କରୁଅଛି । ଯେପର୍ଯ୍ୟନ୍ତ ମନୁଷ୍ୟର ମନ-ପ୍ରାଣ-ଶରୀରର ଚେତନା ଓ ଆତ୍ମାର ପୂର୍ଣ୍ଣ ବିକାଶ ନ ହୋଇଛି, ସେପର୍ଯ୍ୟନ୍ତ ଜୀବନ ପୂର୍ଣ୍ଣ ନୁହେଁ କିଂବା ସମସ୍ୟାର ସମାଧାନ ହୁଏ ନାହିଁ । ଅତୀତରେ ଏହି ପୂର୍ଣ୍ଣଜୀବନ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା । ଋଷି, ମୁନି, ସାଧୁ-ସନ୍ଥ ଅଧ୍ୟାତ୍ମସାଧନା ଦ୍ୱାରା ଅନ୍ତରାତ୍ମା ଚାହୁଁଥିବା ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ ହୋଇଥିଲେ, କିନ୍ତୁ ତାହା ମନ-ପ୍ରାଣରେ ଉପଲବ୍ଧି କରିପାରି ନ ଥିଲେ । ସେହି କାରଣରୁ ସେମାନେ ଜାଗତିକ କର୍ମକୁ ବାଦ୍ ଦେଇଥିଲେ । ସଂସାରୀ ବ୍ୟକ୍ତିମାନେ ଅନ୍ତରାତ୍ମାର ସଙ୍କଳ୍ପ ସମ୍ବନ୍ଧେ ସଚେତନ ନ ହୋଇ ମୋହମାୟା, ଅଜ୍ଞାନତାବଶରେ ସଂସାରକର୍ମ କରି ଦୁଃଖକଷ୍ଟ ଭୋଗୁଥିଲେ । ଅଧ୍ୟାତ୍ମ ସତ୍ୟ-ଦ୍ରଷ୍ଟା ମହାପୁରୁଷମାନେ କର୍ମକୁ ତ୍ୟାଗ କରିବାରୁ ସେମାନଙ୍କ ଜୀବନ ଯେପରି ଅପୂର୍ଣ୍ଣ ରହିଲା, ସଂସାର କର୍ମନିଷ୍ଠ ବ୍ୟକ୍ତିମାନେ ଅଧ୍ୟାତ୍ମସତ୍ୟ ଗ୍ରହଣ ନ କରିବାରୁ ସେମାନଙ୍କ ଜୀବନ ମଧ୍ୟ ସେହିପରି ଅପୂର୍ଣ୍ଣ ରହିଲା । କିନ୍ତୁ ଅଧ୍ୟାତ୍ମ-ସତ୍ୟନିଷ୍ଠ ମହାପୁରୁଷମାନେ ସତ୍ୟ ଉପଲବ୍ଧି କରିବାରୁ ସେମାନଙ୍କ ଜୀବନ ହେଲା ଆନନ୍ଦମୟ । ସଂସାରୀ ବ୍ୟକ୍ତିମାନେ ପରମାନନ୍ଦଙ୍କ ସମ୍ବନ୍ଧେ ଅଚେତନ ହୋଇ କର୍ମ କରିବାରୁ ସେମାନଙ୍କ ଜୀବନ ହେଲା ଦୁଃଖକଷ୍ଟମୟ । ଏପର୍ଯ୍ୟନ୍ତ ସଂସାରରେ ସାମୂହିକରୂପେ ପୂର୍ଣ୍ଣଜୀବନର ପ୍ରତିଷ୍ଠା ହୋଇ ନାହିଁ । ତାହାର ସମୟ ଏପର୍ଯ୍ୟନ୍ତ ଆସି ନ ଥିଲା, କିନ୍ତୁ ଏହି ପୂର୍ଣ୍ଣଜୀବନ ପୃଥିବୀରେ ପ୍ରତିଷ୍ଠିତ ହେବା ଅନିବାର୍ଯ୍ୟ । ବ୍ୟକ୍ତିଗତରୂପେ ଜୀବନ ପୂର୍ଣ୍ଣ ହୋଇଥିଲା ହନୁମାନଙ୍କର । ସେ ପରମାନନ୍ଦ, ପରମ ଶାନ୍ତିରେ ନିବାସ କରି ଜାଗତିକ ସମସ୍ତ କର୍ମ କରିଥିଲେ ଭାଗବତ ସେବାରୂପେ । କେତେକାଂଶରେ ଜ୍ଞାନାନନ୍ଦରେ ନିବାସ କରି କର୍ମ କରିଥିଲେ ଭୀଷ୍ମ ପିତାମହ, ଅର୍ଜୁନ ଏବଂ ଅନ୍ୟ କେତେକ ଅଧ୍ୟାତ୍ମସତ୍ୟ-ଦ୍ରଷ୍ଟା ଭକ୍ତ-ସନ୍ଥ ।

ପ୍ରଶ୍ନ : ମୋର ପ୍ରଶ୍ନ ଥିଲା, ଏହିପରି ପୂର୍ଣ୍ଣଜୀବନ କ'ଣ ସମ୍ଭବ ? ଆପଣ ଉତ୍ତର ଦେଲେ ଯେ ଏହା ସମ୍ଭବ । କିନ୍ତୁ କିପରି ସମ୍ଭବ ? କାହିଁକି ସମ୍ଭବ ? — ଏସବୁର ଉତ୍ତର ସ୍ପଷ୍ଟ ହେଲା ନାହିଁ ।

ଉତ୍ତର : ସଂସାରରେ ଶରୀର, ପ୍ରାଣ, ମନ ଓ ଆତ୍ମା — ଏହି ଚାରି ସତ୍ତା ବୀଜରୂପେ ନିହିତ ଥିଲେ । ଶରୀର,

ମନ, ପ୍ରାଣ, ପ୍ରକାଶ ହୋଇଅଛନ୍ତି, ଆତ୍ମା ପ୍ରକାଶ ହୋଇ ନାହିଁ । ପ୍ରଥମ ତିନିସତ୍ତା ପ୍ରକାଶିତ ହେବା ପରେ ଆତ୍ମାର ପ୍ରକାଶ ଅନିବାର୍ଯ୍ୟ । ଏହି ଚାରିସତ୍ତାର ବିକାଶରେହିଁ ମନୁଷ୍ୟ-ଜୀବନର ପୂର୍ଣ୍ଣତା । ଉପନିଷଦ୍‌ର ଭାଷାରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ, ଆନନ୍ଦମୟ କୋଷ – ଏହି ପଞ୍ଚକୋଷ ମନୁଷ୍ୟ ମଧ୍ୟରେ ବିଦ୍ୟମାନ । ଏହି ପଞ୍ଚକୋଷର ବିକାଶରେ ହୁଏ ମନୁଷ୍ୟର ସର୍ବାଙ୍ଗୀଣ ପୂର୍ଣ୍ଣତା । ଅନ୍ନମୟ କୋଷ ହେଲା ଶରୀର, ପ୍ରାଣମୟ କୋଷ ହେଲା ପ୍ରାଣ ଯାହା କର୍ମକାରୀ ଶକ୍ତି; ମନୋମୟ କୋଷ ହେଲା ମନ ଯାହା ବୁଦ୍ଧି ଓ ବିଚାରର ଆଧାର । ଏହି ତିନିକୋଷ ପ୍ରକାଶିତ ହୋଇଥିବାରୁ ବିଜ୍ଞାନ ଓ ଆନନ୍ଦମୟ କୋଷର ବିକାଶ ହେବା ଅନିବାର୍ଯ୍ୟ । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହୁଏ ଅନ୍ତରାତ୍ମା ପୂର୍ଣ୍ଣରୂପେ ମନ-ପ୍ରାଣକୁ ପରିଚାଳିତ କଲେ ।

ପ୍ରଶ୍ନ : ଆପଣ ଯେଉଁ ଆତ୍ମା କଥା କହିଲେ, ତାକୁ କ'ଣ ଆମେ ଦେଖିପାରିବା ? ଯାହାକୁ ଦେଖି ନ ପାରିବା ତାକୁ ବିଶ୍ୱାସ କରିବା କିପରି ?

ଉତ୍ତର : ଆପଣଙ୍କ ବିଶ୍ୱାସ ଉପରେ ସତ୍ୟ ପ୍ରତିଷ୍ଠିତ ହୁଏ ନାହିଁ, ତାହା ସ୍ୱତଃପ୍ରତିଷ୍ଠିତ ।

ଉତ୍ତରଦାତାଙ୍କ ପ୍ରଶ୍ନ : ଆପଣ ମନ-ପ୍ରାଣକୁ ବିଶ୍ୱାସ କରନ୍ତି କି ?

ପ୍ରଶ୍ନକର୍ତ୍ତାଙ୍କ ଉତ୍ତର : ହଁ, ମନ-ପ୍ରାଣକୁ ବିଶ୍ୱାସ କରୁ ।

ଉତ୍ତରଦାତାଙ୍କ ପ୍ରଶ୍ନ : ମନ-ପ୍ରାଣକୁ ଦେଖିଛନ୍ତି କି ?

ପ୍ରଶ୍ନକର୍ତ୍ତାଙ୍କ ଉତ୍ତର : ନା, ମନ-ପ୍ରାଣକୁ ଦେଖି ନାହୁଁ ।

ଉତ୍ତରଦାତା : ଆପଣଙ୍କର ଯଦି ଏହି ଦୃଢ଼ନିଷ୍ଠା ହୁଏ ଯେ ନ ଦେଖିଥିବା ବସ୍ତୁକୁ ବିଶ୍ୱାସ କରିବେ ନାହିଁ, ତେବେ ମନ-ପ୍ରାଣକୁ ନ ଦେଖି ବିଶ୍ୱାସ କଲେ କିପରି ?

ପ୍ରଶ୍ନକର୍ତ୍ତା : ମନପ୍ରାଣର କ୍ରିୟା ପ୍ରକାଶ ହୋଇଥିବାରୁ ତା'ର ରୂପ ନ ଦେଖି ସେଥିରେ ବିଶ୍ୱାସ କରୁଛୁ ।

ଉତ୍ତରଦାତା : ତେବେ ତାହାକୁ ନ ଦେଖି ବିଶ୍ୱାସ କରିବା ଯୁକ୍ତିଯୁକ୍ତ ହୋଇ ନାହିଁ । ଯଦି ମନପ୍ରାଣକୁ ନ ଦେଖି ଆପଣ ତା'ର କ୍ରିୟାରେ ବିଶ୍ୱାସ କରନ୍ତି ତେବେ ଆତ୍ମାକୁ ନ ଦେଖି ତା'ର କ୍ରିୟାରେ ବିଶ୍ୱାସ କରିବା ଉଚିତ । ସଂସାରରେ ବହୁତ ବସ୍ତୁ ଆବିଷ୍କୃତ ହୋଇଛି ଏବଂ ତାହା ଆବିଷ୍କୃତ ହେବା ପୂର୍ବରୁ ତହିଁରେ ଅନେକ ବ୍ୟକ୍ତି ବିଶ୍ୱାସ କରୁ ନ ଥିଲେ । ମନୁଷ୍ୟର ବୁଦ୍ଧି ବହୁତ ସୀମିତ, ସେ ଯଥାର୍ଥ ସତ୍ୟକୁ ବୁଝିପାରେ ନାହିଁ ବା ଜାଣିପାରେ ନାହିଁ । ମନୁଷ୍ୟ ଯଦି ସ୍ଥୂଳବସ୍ତୁ ଏବଂ ସୀମିତ ପ୍ରାଣକୁ ଭେଦ କରି ଜ୍ଞାନ ପ୍ରାପ୍ତ ହୁଏ, ତେବେ ସୂକ୍ଷ୍ମ ବସ୍ତୁ ଦେଖିପାରେ । ସତ୍ୟଦ୍ରଷ୍ଟା ମହାପୁରୁଷମାନେ ଅନ୍ତରର ସୂକ୍ଷ୍ମ ଜ୍ଞାନଦୃଷ୍ଟିରେ ମନ, ପ୍ରାଣ, ଆତ୍ମାକୁ ଦେଖିଛନ୍ତି, ଅନୁଭୂତିରେ ପ୍ରାପ୍ତ ହୋଇଛନ୍ତି ଏବଂ ଉପଲବ୍ଧି କରିଛନ୍ତି । ସୂକ୍ଷ୍ମବସ୍ତୁ ଉପଲବ୍ଧ ହୁଏ ସୂକ୍ଷ୍ମ ଜ୍ଞାନରେ । ବସ୍ତୁର ବିଜାତୀୟ ଆଧାରରେ ଈପ୍‌ସିତ ବସ୍ତୁ ପ୍ରାପ୍ତ ହୁଏ ନାହିଁ, ହୁଏ ସ୍ୱଜାତୀୟ ଆଧାରରେ । ଯେପରି ଭଗବାନ୍ ସୂକ୍ଷ୍ମରୂପେ ସର୍ବତ୍ର ବିଦ୍ୟମାନ ଥା'ନ୍ତି, କେବଳ ଅଧ୍ୟାତ୍ମ ସାଧନାରେ ନିଜ ଆଧାରକୁ ଭଗବତ୍ ତତ୍ତ୍ୱରେ ରୂପାନ୍ତର କଲେ ବ୍ୟକ୍ତି ଭଗବତ୍ ଉପଲବ୍ଧି କରିପାରେ ।

ପ୍ରଶ୍ନ : ମନ, ପ୍ରାଣ, ଶରୀର ତଥା ଆତ୍ମାର ଗୁଣଧର୍ମ କ'ଣ ?

ଉତ୍ତର : ନିମ୍ନରେ ଏସବୁର ଗୁଣଧର୍ମ ସମ୍ପର୍କରେ ସଂକ୍ଷେପରେ କୁହାଗଲା ।

## ଶରୀରର ଗୁଣଧର୍ମ :

ଶରୀରର ଗୁଣଧର୍ମ ହେଲା ମନ-ପ୍ରାଣ-ଆତ୍ମାକୁ ଧାରଣ କରିବା ଏବଂ ସେସବୁ ଦ୍ୱାରା କ୍ରିୟାଶୀଳ ହେବା ଅର୍ଥାତ୍ କର୍ମ-ସମ୍ପାଦନ କରିବା । ଶରୀର ବିନା ମନ, ପ୍ରାଣ ଏବଂ ଆତ୍ମା କର୍ମ କରିପାରନ୍ତି ନାହିଁ କିଂବା ନିଜର ବିକାଶ କରିପାରନ୍ତି ନାହିଁ । ଶରୀର କେବଳ ସ୍ଥୂଳବସ୍ତୁ, ତହିଁରେ ପ୍ରାଣ ପ୍ରକାଶ ହେଲେ ତାହା କ୍ରିୟାଶୀଳ ହୁଏ ।

## ପ୍ରାଣର ଗୁଣଧର୍ମ :

ପ୍ରାଣର କ୍ରିୟା ବା ଗୁଣଧର୍ମ ହେଉଛି ଅହଂମୂଳକ । ଏହା ବିଶେଷଭାବେ ପ୍ରକାଶ ହୋଇଛି ପଶୁ ମଧ୍ୟରେ । ପଶୁର କ୍ରିୟା ଖାଇବା, ଶୋଇବା, ଶାରୀରିକ ଭୋଗ-ବାସନା ପୂର୍ଣ୍ଣ କରିବା, ସନ୍ତାନ ଉତ୍ପାଦନ କରିବା, ଅନ୍ୟ ଉପରେ ଆଧିପତ୍ୟ ସ୍ଥାପନ କରିବା ଇତ୍ୟାଦି । ପଶୁମାନଙ୍କ ମଧ୍ୟରେ ଅଧିକ ବିକାଶଶୀଳ ହେଲେ ବାନର, ହାତୀ ତଥା ଅନ୍ୟ କେତେକ ପଶୁ । ସେମାନଙ୍କର ଗୋଷ୍ଠୀ ଅଛି, ନେତୃତ୍ୱ ଅଛି । ନେତା ପଥପ୍ରଦର୍ଶକ ହୋଇ ଯେଉଁଆଡ଼େ ଯାଏ, ଯାହା କରେ, ଅନ୍ୟମାନେ ତା'ରି ମାର୍ଗ ଅନୁସରଣ କରନ୍ତି । ବାନରମାନେ ଅନ୍ୟ ବାନରଗୋଷ୍ଠୀ ସହିତ ରୀତିମତ ଯୁଦ୍ଧ କରନ୍ତି । ନିଜ ଦଳର କୌଣସି ବାନର ନେତାର ସମକକ୍ଷ ହେଲେ ନେତା ତାକୁ କାମୁଡ଼ି ଦଳରୁ ବାହାର କରିଦିଏ ଅଥବା ମାରିଦିଏ । ଏହିସବୁ ପ୍ରାଣର କ୍ରିୟା । ପଶୁମାନଙ୍କୁ ମନବୁଦ୍ଧି ପ୍ରାପ୍ତ ହୋଇ ନାହିଁ । ସେମାନେ ଆତ୍ମରକ୍ଷା ତଥା ଆଧିପତ୍ୟ ରକ୍ଷାକରନ୍ତି ସହଜାତ ପ୍ରେରଣାରେ ।

## ମନର ଗୁଣଧର୍ମ :

ମନୁଷ୍ୟ ମଧ୍ୟରେ ମନ-ବୁଦ୍ଧିର ବିକାଶ ହୋଇଛି । ମନର ମାନଦଣ୍ଡ ନୈତିକତା, ବୁଦ୍ଧି-ବିଚାର ବା ବିବେକ । ଏସବୁର କୌଣସି ଦୃଢ଼ ଭିତ୍ତି ନାହିଁ । ପ୍ରାଣର କାମନା-ବାସନା ମହାନ୍ ପ୍ରବଳ । ମନୁଷ୍ୟର ଆତ୍ମା ଜାଗ୍ରତ ହୋଇ ମନ-ବୁଦ୍ଧିକୁ ଆଲୋକ ଓ ଶକ୍ତି ପ୍ରଦାନ କଲେ ତାହା ପ୍ରାଣକୁ ନିୟନ୍ତ୍ରଣ କରେ ଏବଂ ତା'ଠାରୁ ଉତ୍ତମ କର୍ମ ଆଦାୟ କରି ସତ୍‌ମାର୍ଗରେ ଚାଳିତ କରେ । ଆତ୍ମା ଜାଗ୍ରତ ନ ହେଲେ ମନବୁଦ୍ଧିର ସାହାଯ୍ୟରେ ପ୍ରାଣ ହୁଏ ଅସୁର, ଅହଂମୂଳକ ପ୍ରବୃତ୍ତିକୁ ଚରିତାର୍ଥ କରିବାରେ ମନବୁଦ୍ଧିକୁ କରେ ଯନ୍ତ୍ର । ପଶୁର ମନ-ବୁଦ୍ଧି ନ ଥିବାରୁ ନିଜର ଅହଂମୂଳକ ସ୍ୱାର୍ଥ ସାଧନ କରେ କେବଳ ଶାରୀରିକ ବଳରେ । ଶାରୀରିକ ବଳ ସୀମିତ ଥିବାରୁ ପଶୁର ଅହଂ-ପ୍ରବୃତ୍ତି ଅଧିକ ବ୍ୟାପକ ହୋଇପାରେ ନାହିଁ । ମନୁଷ୍ୟକୁ ମନ-ବୁଦ୍ଧି ପ୍ରାପ୍ତ ହୋଇଥିବାରୁ ତାହାର ଅହଂମୂଳକ ବିକାଶ ଶାରୀରିକ ବଳ ଉପରେ ନିର୍ଭର କରେ ନାହିଁ, ଏହା ନିର୍ଭର କରେ ବୁଦ୍ଧି-କୌଶଳ ଉପରେ । ବୁଦ୍ଧି-କୌଶଳ ଦ୍ୱାରା ମନୁଷ୍ୟ ଜୀବନଘାତକ ମହାନ୍ ବଳଶାଳୀ ପଶୁମାନଙ୍କୁ ବଶକରେ; ପ୍ରାଣର କାମନା-ବାସନାର ତୃପ୍ତି ଏବଂ ଅହଂମୂଳକ ପ୍ରବୃତ୍ତିର ଚରିତାର୍ଥ କରିବା ସକାଶେ ବିଜ୍ଞାନ ସାହାଯ୍ୟରେ ବିଶେଷ ଆଶ୍ଚର୍ଯ୍ୟଜନକ ବସ୍ତୁ ମୋଟର, ରେଳ, ଜାହାଜ, ବ୍ୟୋମଯାନ, ରେଡ଼ିଓ, ଟେଲିଭିଜନ, ସିନେମା, ଆଣବିକ ଅସ୍ତ୍ର ଆଦି ସେ ଆବିଷ୍କାର କରିପାରିଛି; ନିଜର ଆଧିପତ୍ୟ ବିସ୍ତାର କରିବାକୁ ନାନା ସିଦ୍ଧାନ୍ତ, କଳ-କୌଶଳ, ଛଳ-ପ୍ରପଞ୍ଚ ପ୍ରୟୋଗ କରି ବହୁଲୋକଙ୍କୁ ନିଜ ବଶରେ ରଖିପାରିଛି ।

## ଆତ୍ମାର ଗୁଣଧର୍ମ

ଆତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱରୂପ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏହାର ନାମ Psychic Being, ଅନ୍ତରାତ୍ମା, ହୃଦ୍‌ପୁରୁଷ ବା ଚୈତ୍ୟପୁରୁଷ । ଅନ୍ତରାତ୍ମା ଭଗବାନଙ୍କ ସହିତ ସର୍ବଦା ଅଭେଦ୍ୟ, ଏକ । ତା' ମଧ୍ୟରେ ଭଗବତ୍ ଦିବ୍ୟଗୁଣ – ଶାନ୍ତି, ସମତା, ଦୟା, ପ୍ରେମ, ଜ୍ଞାନ, ବିବେକ, ଆନନ୍ଦ ଆଦି ବିଦ୍ୟମାନ ଥାଏ । ସେ ଅଜ୍ଞାନ ତଥା ମୋହମାୟାଦିରୁ ପୂର୍ଣ୍ଣତଃ ମୁକ୍ତ । ଏହି ସତ୍ତା ଥାଏ ମନ-ପ୍ରାଣର ଆବରଣରେ, ମନୁଷ୍ୟକୁ ପରିଚାଳିତ କରନ୍ତି ମନ-ପ୍ରାଣ । ଏହି ସତ୍ତା ଜାଗ୍ରତ ହେଲେ ଏହାର ପ୍ରଭାବ ପଡ଼େ ମନ-ପ୍ରାଣ ଉପରେ, ସେସବୁ କ୍ରମଶଃ ଶୁଦ୍ଧ ହୁଅନ୍ତି ଏବଂ ଆତ୍ମାର ପ୍ରଭାବକୁ ଗ୍ରହଣ କରନ୍ତି ତଥା ତାହାଦ୍ୱାରା ପରିଚାଳିତ ହେବାକୁ ପ୍ରସ୍ତୁତ ହୁଅନ୍ତି । ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଆତ୍ମାର ଅଭ୍ରାନ୍ତ ଜ୍ଞାନ ଥାଏ । ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା ଏବଂ ସେହି

ମାର୍ଗରେ ପରିଚାଳିତ ହେବା ତାହାର ସ୍ୱାଭାବିକ ପ୍ରବୃତ୍ତି । ମନ-ପ୍ରାଣ ଆତ୍ମାର ପ୍ରଭାବକୁ ସ୍ୱୀକାର କରିନେଲେ ସେସବୁର ମୋହ, ଅଜ୍ଞାନତା ଦୂର ହୁଏ ଏବଂ ଆତ୍ମାର ନେତୃତ୍ୱ ଓ ନିର୍ଦ୍ଦେଶରେ ସେମାନେ ଭଗବତ୍‌ପ୍ରାପ୍ତିର ମାର୍ଗରେ ଯାତ୍ରା କରନ୍ତି । ଏହି ଅବସ୍ଥାରେ ସାଧକ ତା'ର ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ଅନୁପାତରେ ତାହାର ସତ୍ତାରେ ଶାନ୍ତି, ସମତାଦି ପ୍ରତିଷ୍ଠିତ ହୁଏ, ଅଭୀପ୍‌ସାଗ୍ନି ପ୍ରଜ୍ୱଳିତ ହୁଏ, ସମର୍ପଣ ଉତ୍ତରୋତ୍ତର ବୃଦ୍ଧି ହୁଏ, ପ୍ରତିକୂଳ ଶକ୍ତିର ବାଧାବିଘ୍ନ କମ୍ ହେବାକୁ ଲାଗେ ତଥା ଭାଗବତୀ ଶକ୍ତି ଦ୍ୱାରା ସମର୍ପିତ ଅଂଶବିଶେଷରେ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୁଏ । ସମସ୍ତ ସତ୍ତା ଭଗବାନଙ୍କ ଚରଣରେ ଉତ୍ସର୍ଗ ହେଲେ ତାହା ରୂପାନ୍ତର ହୁଏ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ସେଥିରେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତିର ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ସମର୍ପିତ ହୁଅନ୍ତି ଅନ୍ତରାତ୍ମା ଦ୍ୱାରା । ଏହାର ଜାଗରଣ ବିନା ମନୁଷ୍ୟ ସମର୍ପଣ କରିପାରେ ନାହିଁ କିଂବା ଲକ୍ଷ୍ୟର ଯଥାର୍ଥ ମାର୍ଗରେ ଯାତ୍ରା କରିପାରେ ନାହିଁ । ସମର୍ପଣ ବିନା ରୂପାନ୍ତର ସଂପୂର୍ଣ୍ଣ ଅସମ୍ଭବ । ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗରେ ଅନ୍ତରାତ୍ମାର ଜାଗୃତି ଅନିବାର୍ଯ୍ୟ ।

ପ୍ରଶ୍ନ : ଆପଣଙ୍କ କହିବାର ଅଭିପ୍ରାୟ ହେଲା ପ୍ରତ୍ୟେକ ମନୁଷ୍ୟର ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ କର୍ମର ବିକାଶ, ପରମ ସୁଖ, ପରମ ଶାନ୍ତି ଲାଭ କରିବା କି ?

ଉତ୍ତର : ଅନିବାର୍ଯ୍ୟରୂପେ ଏହାହିଁ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହାକୁହିଁ ମନୁଷ୍ୟ ଅବଶ୍ୟ ପ୍ରାପ୍ତ ହେବ । ଏହାରି ପ୍ରାପ୍ତି ସକାଶେହିଁ ଭଗବାନଙ୍କ ସୃଷ୍ଟି, ଭଗବାନଙ୍କ ସଙ୍କଳ୍ପ । ଏହି ଲକ୍ଷ୍ୟପ୍ରାପ୍ତିରେ ବ୍ୟକ୍ତି-ଜୀବନ ଏବଂ ସଂସାରର ସକଳ ସମସ୍ୟାର ହେବ ସମାଧାନ । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ ।

ପ୍ରଶ୍ନ : ବ୍ୟକ୍ତି ନିଜ ସୁଖ ସକାଶେ କର୍ମ କରିବା ଅଥବା ନିଜେ ସୁଖ ପ୍ରାପ୍ତ ହେବା କେବଳ ସ୍ୱାର୍ଥ । ସ୍ୱାର୍ଥତ୍ୟାଗକୁହିଁ ସମସ୍ତ ଶାସ୍ତ୍ର, ମହାପୁରୁଷ ଘୋଷଣା କରିଛନ୍ତି । ବିଜ୍ଞ ପୁରୁଷ ନିଜ ସ୍ୱାର୍ଥକୁ ତ୍ୟାଗକରି ପରର ହିତ କରନ୍ତି । ନିଜ ସ୍ୱାର୍ଥ ସିଦ୍ଧିରେ ଜଗତର ସମସ୍ୟା ସମାଧାନ ହେବ କିପରି ?

ଉତ୍ତର : ଆପଣ ଯାହାକୁ ସ୍ୱାର୍ଥ କହୁଛନ୍ତି ତାହା ପ୍ରାଣର ବାସନା-କାମନା । ଏହା ଦୂର ହୁଏ ନିଜର ଯଥାର୍ଥ ସ୍ୱାର୍ଥ-ସିଦ୍ଧିରେ, ତେବେ ବ୍ୟକ୍ତି ହୁଏ ଆପ୍ତକାମ ଅର୍ଥାତ୍ ତା'ର ଆଉ ନିଜ-ପର ଭାବ ରହେ ନାହିଁ । ତାହାଦ୍ୱାରା ସଂସାରର ହିତ ସାଧିତ ହୁଏ । ବାସନା-କାମନା କେବେ ବି ତୃପ୍ତ ହୁଏ ନାହିଁ, ଅଗ୍ନିରେ ଆହୁତି ଦେବା ସଦୃଶ ବରାବର ବୃଦ୍ଧି ହେଉଥାଏ । ବାସନା-କାମନା ମୋହ-ଅନ୍ଧକାର ପ୍ରସୂତ, ଯଥାର୍ଥ ସ୍ୱାର୍ଥର ଭ୍ରମାତ୍ମକ ରୂପ । ଯଥାର୍ଥ ସ୍ୱାର୍ଥ ପରମାନନ୍ଦ, ପରମ ଶାନ୍ତି । ସେଥିରେ ଇନ୍ଦ୍ରିୟର ବିଷୟ-ବାସନା ସର୍ବଥା ଅଭାବ । ବ୍ୟକ୍ତି ଅନ୍ୟର କ୍ଷତି କରେ, ନିଜର ଅଭାବ ପୂର୍ଣ୍ଣ କରିବା ସକାଶେ । ନିଜର ଅଭାବ ନ ରହିଲେ ସେ ଯଥାର୍ଥରେ ଅନ୍ୟର ହିତ କରିପାରେ । ଅଭାବ ଦୂର ହେବାର ଅନ୍ୟ କୌଣସି ଉପାୟ ନାହିଁ, ଏକମାତ୍ର ଉପାୟ ପରମସୁଖ, ପରମଶାନ୍ତି ପ୍ରାପ୍ତି ।

ପ୍ରଶ୍ନ : ବହୁତ ବ୍ୟକ୍ତି ଅଛନ୍ତି ନିଜ ସୁଖ-ସୁବିଧା ତ୍ୟାଗ କରି ଦେଶ ତଥା ଅନ୍ୟର ହିତ ସକାଶେ ସ୍ୱୟଂ ମହାନ୍ ଦୁଃଖ-ଦ୍ୱନ୍ଦ୍ୱ, ଯାତନାକୁ ବରଣ କରିନିଅନ୍ତି । ଦେଶର ସ୍ୱାଧୀନତା ତଥା ଅନ୍ୟର ହିତହିଁ ସେମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥାଏ । ଏହା ପ୍ରତ୍ୟକ୍ଷ ଘଟଣା ଯାହା ଆମ୍ଭେମାନେ ଦେଖୁଅଛୁ । ପୁଣି ପରମ ସୁଖ, ପରମ ଶାନ୍ତି ପ୍ରାପ୍ତହେବା ପ୍ରତ୍ୟେକ ବ୍ୟକ୍ତିର ଯଥାର୍ଥ ସ୍ୱାର୍ଥ ବା ଲକ୍ଷ୍ୟ ବୋଲି ଆମ୍ଭେ କିପରି ସ୍ୱୀକାର କରିବୁ ?

ଉତ୍ତର : ଆପଣ ସ୍ୱୀକାର ନ କଲେ ସତ୍ୟ କେବେ ବି ଅସତ୍ୟ ହେବ ନାହିଁ । ଯେଉଁମାନେ ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତି ନ କରି, ନ ଜାଣି, ଦେଶର ଏବଂ ଅନ୍ୟ ବ୍ୟକ୍ତିର ହିତସାଧନକୁ ଲକ୍ଷ୍ୟ ବୋଲି ଗ୍ରହଣ କରନ୍ତି, ସେମାନଙ୍କ ଜୀବନର ସମସ୍ୟାର ସମାଧାନ ହୁଏ ନାହିଁ କିଂବା ସେମାନେ ଅନ୍ୟର ତଥା ଦେଶର ଯଥାର୍ଥ ହିତ କରିପାରନ୍ତି ନାହିଁ । ମନୁଷ୍ୟର ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟପ୍ରାପ୍ତ ନ ହୁଏ, ତା' ମଧ୍ୟରେ ଅଜ୍ଞାନ, ସ୍ୱାର୍ଥ, ଅହଂ, ଦ୍ୱନ୍ଦ୍ୱ ଏବଂ ଦୁଃଖ ବିଦ୍ୟମାନ ଥାଏ । ସେ ସ୍ୱୟଂ ଦ୍ୱନ୍ଦ୍ୱରୁ ମୁକ୍ତ ନ ଥିବାରୁ, ଅନ୍ୟର ଏବଂ ଦେଶର ହିତ ଚାହିଁବା ସତ୍ତ୍ୱେ ତା'ର ଯଥାର୍ଥ ଜ୍ଞାନ ନ ଥିବାରୁ ସେ ଭୁଲ୍ କରେ, ସେଥିରେ ଦେଶର ଏବଂ ଅନ୍ୟର ଅହିତ ହୁଏ । ସ୍ୱାର୍ଥ ଯୋଗୁଁ ନିଜ ନେତୃତ୍ୱ ବା ନିଜ ସଂଘର ଦୃଢ଼ତା ସକାଶେ ଦେଶର ତଥା ଅନ୍ୟର ଯଥାର୍ଥ ହିତ କରିପାରେ ନାହିଁ । ନିଜର ଅହଂ ଥିବାରୁ

ନିଜ ସିଦ୍ଧାନ୍ତ, ନିଜ ବ୍ୟବସ୍ଥା କାଏମ ରଖିବା ସକାଶେ ଦେଶ ଏବଂ ଅନ୍ୟର ହିତ ପ୍ରତି ନିରପେକ୍ଷ ଦୃଷ୍ଟି ଦେଇପାରେ ନାହିଁ । ନିଜ ସଙ୍ଘର କେତେକ ବ୍ୟକ୍ତି ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଯୋଗୁଁ ଦେଶର ତଥା ଅନ୍ୟର ମହା ଅନିଷ୍ଟ କରନ୍ତି । ଏହି ଅନ୍ୟାୟ ଦେଖିବା ସତ୍ତ୍ୱେ ଦେଶର ହିତଚିନ୍ତକ ନେତାମାନେ ଆଖି, କାନ, ମୁଖ ବନ୍ଦ କରିଦିଅନ୍ତି । ଅନ୍ୟ କେତେକ ନେତା ନିଜ ସ୍ୱାର୍ଥକୁ ସ୍ୱୟଂ ଠିକ୍ ଠିକ୍ ବୁଝି ନ ପାରି ତାହାରି ପ୍ରେରଣାରେ ଦେଶସେବାରେ ବ୍ରତୀ ହୋଇ ନିଜ ଅଜ୍ଞାତ ଅହଂତୁଷ୍ଟି ସକାଶେ ଦେଶବାସୀଙ୍କ ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖନ୍ତି । ତା' ମହିମା ବର୍ଣ୍ଣନା କରି ଦେଶକୁ ଧନଧାନ୍ୟ, ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ କୁବେରର ଅଳକାପୁରୀ, ଇନ୍ଦ୍ରଙ୍କ ସ୍ୱର୍ଗପୁରୀ, ଦେଶବାସୀଙ୍କୁ ଦେବତା ସଦୃଶ କରିବାର ପ୍ରଲୋଭନ ଦିଅନ୍ତି । କେତେକ ଦେଶବାସୀ ଏହି ପ୍ରଲୋଭନରେ ନୂତନ ଆଦର୍ଶକୁ ସ୍ୱୀକାର କରି ନିଅନ୍ତି । ସେମାନଙ୍କ ସମ୍ମତିରେ ନୂତନ ଆଦର୍ଶ ପ୍ରତିଷ୍ଠାରେ ଲକ୍ଷ ଲକ୍ଷ ଦେଶବାସୀ ଗୁଳିରେ ଉଡ଼ିଯାଆନ୍ତି । ଶେଷରେ ଦେଶର ପରିସ୍ଥିତି ଆର୍ଥିକ ଦୃଷ୍ଟିରୁ କିଛି ପରିବର୍ତ୍ତନ ହେଲେ ବି ମାନସିକ ଅବସ୍ଥା ତଥା ବ୍ୟକ୍ତି-ସ୍ୱତନ୍ତ୍ରତା ପାଶବିକତାରେ ପରିଣତ ହୁଏ । ବ୍ୟକ୍ତିର ଆନ୍ତରିକ ସୁଖଶାନ୍ତି ଏବଂ ଆର୍ଥିକ ଉନ୍ନତି, ଉଭୟ ଆବଶ୍ୟକ । ଏହି ଉଭୟ ପ୍ରାପ୍ତି ଛଡ଼ା ବ୍ୟକ୍ତି କଦାପି ସୁଖଶାନ୍ତିରେ ରହିପାରେ ନାହିଁ କିଂବା ଯଥାର୍ଥରେ ଦେଶସେବା, ଲୋକସେବା କରିପାରେ ନାହିଁ ।

ପ୍ରଶ୍ନ : ଆପଣଙ୍କ କହିବାର ଉଦ୍ଦେଶ୍ୟ ହେଉଛି, ''ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହେଲେ ତା'ର ଅଭାବ, ବାସନା-କାମନା ରହେ ନାହିଁ, ତେବେ ସେ ନିଜର ଏବଂ ସଙ୍ଘର ସ୍ୱାର୍ଥ ସକାଶେ ଦେଶର ଅହିତ କରେ ନାହିଁ । ତାକୁ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଥିବାରୁ ତା'ର ମାର୍ଗ ଭୁଲ୍ ହୁଏ ନାହିଁ ବା ଦେଶର ଉନ୍ନତି ବ୍ୟାହତ ହୁଏ ନାହିଁ । ତା'ର ବ୍ୟକ୍ତିଗତ ଆଦର୍ଶର ପ୍ରଭାବ ପଡ଼େ ଦେଶରେ । ଦେଶରେ ନ୍ୟାୟ, ସତ୍ୟ, ଶାନ୍ତି ପ୍ରତିଷ୍ଠା ହୁଏ । ଦେଶବାସୀ କର୍ମ କରନ୍ତି ନ୍ୟାୟ ଏବଂ ସତ୍ୟରେ ପ୍ରତିଷ୍ଠିତ ହୋଇ । ଦେଶରେ ସ୍ୱାର୍ଥ, ହିଂସା, କଳାବଜାର, ଚୋରି ହୁଏ ନାହିଁ । ଦେଶ ଧନଧାନ୍ୟରେ ଉନ୍ନତ ହୁଏ ।'' ଏହା ଆପଣଙ୍କର କେବଳ କଳ୍ପନା ନା ଏଥିରେ ସତ୍ୟତା ଅଛି ? ସୃଷ୍ଟି ଆରମ୍ଭରୁ ଏପରି ଅବସ୍ଥା କେବେ ବି ସ୍ଥାୟୀରୂପେ ଆଜିପର୍ଯ୍ୟନ୍ତ ଘଟି ନାହିଁ, ଭବିଷ୍ୟତରେ ଘଟିବ ବୋଲି ଆଶାକରିବା କେତେ ଯୁକ୍ତିଯୁକ୍ତ ? ଏହା ହେଲା ଗୋଟିଏ ପ୍ରଶ୍ନ । ଅନ୍ୟ ପ୍ରଶ୍ନ ହେଲା ଭାରତର ସ୍ୱାଧୀନତା-ଆନ୍ଦୋଳନ ସମୟରେ ଭାରତର ନେତାମାନେ ସମସ୍ତ ସ୍ୱାର୍ଥ ତ୍ୟାଗ କରି କେବଳ ଭାରତର ସ୍ୱାଧୀନତା ସକାଶେ କର୍ମ କରିଥିଲେ ଏବଂ ବ୍ରିଟିଶ୍ ଦ୍ୱାରା ମହାନ୍ ଦୁଃଖ-ଯନ୍ତ୍ରଣା ବରଦାସ୍ତ କରୁଥିଲେ । ତାଙ୍କର ପ୍ରଯତ୍ନରେ ଦେଶ ସ୍ୱାଧୀନ ହେଲା । ଏହା ତ ପ୍ରତ୍ୟକ୍ଷ ଘଟଣା । ଜୀବନର ଲକ୍ଷ୍ୟ ଗ୍ରହଣ ନ କଲେ ବ୍ୟକ୍ତି ଅନ୍ୟର ବା ଦେଶର ହିତ କରିପାରେ ନାହିଁ – ଏହା ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ଭାରତୀୟ ନେତାମାନଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇପାରି ନ ଥା'ନ୍ତା । ଭାରତ ସ୍ୱାଧୀନ ହେବା କ'ଣ ଦେଶର ହିତ ନୁହେଁ ?

ଉତ୍ତର : ପ୍ରଥମରେ ଶେଷ ପ୍ରଶ୍ନଟିର ଉତ୍ତର ଦେବା ଆବଶ୍ୟକ । ଭାରତ ସ୍ୱାଧୀନ ହେବା ଦେଶର ହିତ । ତାହା ବିଶେଷ ଆବଶ୍ୟକ ବି ଥିଲା । ଏହା ଯଥାର୍ଥ ସ୍ଥାୟୀ ହିତ ନୁହେଁ, ଅପୂର୍ଣ୍ଣ । ଦେଶ ସ୍ୱାଧୀନ ହୋଇଛି କିନ୍ତୁ ଦେଶର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅନ୍ୟାୟ-ଅସତ୍ୟ, ଚୋରି ବଢ଼ିଛି । ଦେଶ ସ୍ୱାଧୀନ ହେବା ଯେପରି ପ୍ରତ୍ୟକ୍ଷ ସତ୍ୟ, ଦେଶରେ ଅନ୍ୟାୟ, ଅସତ୍ୟ, ଦୁଃଖକଷ୍ଟ, ଅଭାବ-ଅନାଟନ, ଅଶାନ୍ତି ବୃଦ୍ଧି ହେବା ମଧ୍ୟ ପ୍ରତ୍ୟକ୍ଷ ସତ୍ୟ ।

ଭାରତୀୟ ନେତାମାନେ ଯଦି ଜୀବନର ଲକ୍ଷ୍ୟ ଗ୍ରହଣ କରିଥାଆନ୍ତେ, ତେବେ ଦେଶ ସ୍ୱାଧୀନ ହେବାପରେ ନିଜ ନିଜ ସ୍ୱାର୍ଥ ଛାଡ଼ି ଦେଶରେ ଉନ୍ନତି କାର୍ଯ୍ୟ କରିଥା'ନ୍ତେ । ତାହା ହୋଇ ନାହିଁ, ଭାରତ-ସ୍ୱାଧୀନତା ପରେ ନେତାମାନଙ୍କ ସ୍ୱାର୍ଥ ଏବଂ ଅହଂ ଭାରତର ଅଗ୍ରଗତିରେ ବାଧା ଦେଇଛି ।

ଆପଣଙ୍କର ଅନ୍ୟ ଯୁକ୍ତି ହେଉଛି,– ''ଭାରତର ସ୍ୱରାଜ୍ୟ ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ଯଦି ସ୍ୱାର୍ଥ କାର୍ଯ୍ୟକାରୀ ହୋଇଥାଆନ୍ତା, ତେବେ ତାଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇ ନ ଥା'ନ୍ତା । ଏଥିରୁ ସ୍ପଷ୍ଟ ହେଉଛି ସେମାନେ ସ୍ୱାର୍ଥ ତ୍ୟାଗ କରିଥିଲେ । ତେବେ ଆପଣଙ୍କ କହିବା ଅନୁସାରେ ସ୍ୱାର୍ଥ, ଅହଂ ତ୍ୟାଗ ସକାଶେ ଜୀବନର ଯଥାର୍ଥ ଲକ୍ଷ୍ୟଗ୍ରହଣର ଆବଶ୍ୟକ କ'ଣ ?''

ଆପଣଙ୍କର ଏହି ଦୃଷ୍ଟିକୋଣ ବା ବିଚାର ସର୍ବାଙ୍ଗୀନ ନୁହେଁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ସ୍ୱାର୍ଥ, ଅହଂ ତ୍ୟାଗ ହୋଇ ନ ଥିଲା, କେନ୍ଦ୍ରିତ ହୋଇଥିଲା ଭାରତକୁ ସ୍ୱାଧୀନ କରିବାରେ । ଭାରତର ସ୍ୱାଧୀନତା ପରେ ସେମାନଙ୍କ ସ୍ୱାର୍ଥ, ଅହଂ କାର୍ଯ୍ୟ କଲା ନିଜ ନେତୃତ୍ୱରକ୍ଷା, ସଂଘରକ୍ଷା ଅଥବା ବ୍ୟକ୍ତିଗତ ସୁଖସୁବିଧା ପ୍ରାପ୍ତିରେ । ଯେଉଁମାନେ ଉଦାର-ହୃଦୟ ବ୍ୟକ୍ତି ଥିଲେ ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଦେଶର ଅର୍ଥ ଆତ୍ମସାତ୍ କରୁ ନ ଥିଲେ । କିନ୍ତୁ ସେମାନଙ୍କ ଅହଂ, ସ୍ୱାର୍ଥ ଥିଲା ସଂଘରେ ତଥା ନିଜ ନିଜ ନେତୃତ୍ୱ ରକ୍ଷା କରିବାରେ । ସେମାନେ ଭାବୁଥିଲେ ତାଙ୍କ ନେତୃତ୍ୱ ଏବଂ ତାଙ୍କ ସଂଘ ଭାରତର ମୂଳନୀତି । ତା'ଛଡ଼ା ଭାରତ ଟଳିପଡ଼ିବ । ସେମାନଙ୍କ ଏହି ମନୋଭାବର ସୁଯୋଗ ପାଇ ସଂଘରକ୍ଷା ନାମରେ ସଂଘର ସ୍ୱାର୍ଥୀ ବ୍ୟକ୍ତିମାନେ ଦେଶର କୋଟି କୋଟି ଟଙ୍କା ଆତ୍ମସାତ୍ କରୁଥିଲେ । ଏହି ଅନ୍ୟାୟ ଜାଣି, ଦେଖି, ଭାରତୀୟ ନେତାମାନେ ସେମାନଙ୍କୁ ଘଣ୍ଟ-ଘୋଡ଼ାଇ ରଖୁଥିଲେ ।

ନେତାମାନଙ୍କର ଏହିସବୁ ସ୍ୱାର୍ଥ ସାଧନର କୁପ୍ରଭାବ ପଡ଼ିଲା ସମସ୍ତ ଦେଶରେ । ଦେଶବାସୀ ସହିତ ଚପରାସୀଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସର ପର୍ଯ୍ୟନ୍ତ ସେହି ସ୍ରୋତରେ ପ୍ରବାହିତ ହେଲେ । ସେହି ସ୍ୱାର୍ଥ ଯୋଗୁଁ ଦେଶର ହେଲା ଅବନତି । ସେହି ସ୍ୱାର୍ଥପ୍ରବାହରୁ ମୁଷ୍ଟିମେୟ ବ୍ୟକ୍ତି ଯଦ୍ୟପି ରକ୍ଷା ପାଇଲେ ତଥାପି ନେତାମାନଙ୍କ ପ୍ରବଳ ସ୍ୱାର୍ଥ ସାମନାରେ ସେମାନଙ୍କ ନିଃସ୍ୱାର୍ଥପରତା ତିଷ୍ଠିପାରିଲା ନାହିଁ । କିନ୍ତୁ ସେହିମାନଙ୍କ ସ୍ୱାର୍ଥତ୍ୟାଗ ସେମାନଙ୍କ ଜୀବନକୁ ଉନ୍ନତ ଏବଂ ଶାନ୍ତିସୁଖମୟ କରିଥିଲା ଏବଂ ସେହି ତ୍ୟାଗ ଭାବୀ ଭାରତର ଉନ୍ନତିର ବୀଜରୂପେ ପୋତା ହୋଇ ରହିଲା । ନେତାମାନେ ଯେବେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିଥାଆନ୍ତେ ତେବେ ସେମାନଙ୍କ ଅହଂ, ସ୍ୱାର୍ଥ କେନ୍ଦ୍ରିତ ହୋଇଥାଆନ୍ତା ସେହି ଲକ୍ଷ୍ୟରେ । ଲକ୍ଷ୍ୟପ୍ରାପ୍ତିରେ ତାହା ହୋଇଥାଆନ୍ତା ରୂପାନ୍ତର । ପ୍ରକାଶ ହୋଇଥାଆନ୍ତା ସେମାନଙ୍କ ମଧ୍ୟରୁ ଜ୍ଞାନ ଏବଂ ଅଫୁରନ୍ତ କାର୍ଯ୍ୟକାରୀ ଶକ୍ତି, କର୍ମ ହୋଇଥା'ନ୍ତା ଜ୍ଞାନ ଆନନ୍ଦର ଭିତ୍ତିରେ, ସେମାନଙ୍କ ଜୀବନ ହୋଇଥାଆନ୍ତା ପୂର୍ଣ୍ଣ, ତେବେ ସେହିମାନେ କରିଥାଆନ୍ତେ ଦେଶର ଯଥାର୍ଥ ଉନ୍ନତି ।

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ, ସେଥିରେ ମୋର ଆଉ କିଛି କହିବାର ନାହିଁ । କେବଳ ଭାରତର ନେତାମାନଙ୍କର ସମ୍ବନ୍ଧରେ ଯେଉଁ ଉତ୍ତର ଦେଲେ ସେଥିରେ ମୋତେ ସନ୍ତୋଷ ହେଲା ନାହିଁ । ଭାରତର ସ୍ୱତନ୍ତ୍ରତା ପରେ ଯେଉଁମାନେ ଦେଶସେବା ନାମରେ ଶାସନରେ ପଶି, ସଂପତ୍ତି ବୃଦ୍ଧି କରିଛନ୍ତି ସେମାନଙ୍କ କଥା ଛାଡ଼ । ଯେଉଁମାନେ ଭାରତର ସ୍ୱତନ୍ତ୍ରତା-ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ, ଧନ-ସମ୍ପତ୍ତି ଦେଶସେବାରେ ଲଗାଇଥିଲେ, ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗକରି ଦେଶସେବା କରିଥିଲେ; ଭାରତର ସ୍ୱତନ୍ତ୍ରତା ପରେ ସେମାନେ ଅଧିକାର ପାଇ ସ୍ୱତନ୍ତ୍ରତା-ଆନ୍ଦୋଳନ ସମୟରେ ଦେଶକୁ ଯାହା ଦାନ କରିଥିଲେ ତାହାର କେତେଗୁଣ ସଂପତ୍ତି ବୃଦ୍ଧି କଲେ, ନିଜ ପରିବାର ତଥା ବନ୍ଧୁବାନ୍ଧବ, ମିତ୍ରମାନଙ୍କର ହିତ ଇଚ୍ଛାନୁସାରେ କରି ନିଜ ସ୍ୱାର୍ଥସାଧନ କରି ପୂର୍ବତ୍ୟାଗର ପ୍ରତିଶୋଧ ନେଇନେଲେ । ସେମାନଙ୍କ ତପସ୍ୟାର ଫଳ ସେମାନେ ନିଜ ହାତରେ ନେଇଛନ୍ତି । ସେମାନଙ୍କ ସମ୍ବନ୍ଧେ ମୋର କିଛି କହିବାର ରହିଲା ନାହିଁ ।

କିନ୍ତୁ ଯେଉଁମାନେ ପୂର୍ଣ୍ଣ ହୃଦୟରେ ଦେଶସେବା କରିଛନ୍ତି, ଦେଶ ସ୍ୱତନ୍ତ୍ର ହେବା ସକାଶେ ନାନାପ୍ରକାର ଅତ୍ୟାଚାର ଏବଂ ଯାତନା ସହ୍ୟ କରିଛନ୍ତି, ଦେଶସେବାରେ ନିଜ ଜୀବନ ସହିତ ସମସ୍ତ ଧନ-ସମ୍ପତ୍ତି ଅର୍ପଣ କରିଛନ୍ତି, ସବୁ ସମୟରେ ଦେଶର ଉନ୍ନତି କାମନା କରିଛନ୍ତି ଏବଂ କର୍ମ କରିଛନ୍ତି, ସେମାନେ ପୂର୍ଣ୍ଣହୃଦୟରେ ଦେଶସେବା, ଦେଶର ଉନ୍ନତି ଚାହିଁବା ସତ୍ତ୍ୱେ ସେମାନଙ୍କ ଅଜ୍ଞାତରେ ଯଦି ଦେଶର କୌଣସି ଉନ୍ନତିରେ ବାଧା ହୋଇଅଛି, ତାହା କ'ଣ ଦୋଷାବହ ? ସ୍ୱାର୍ଥୀ ବ୍ୟକ୍ତିଙ୍କ ସ୍ୱାର୍ଥସାଧନ ଦ୍ୱାରା ଦେଶରେ ହେଉଥିବା ଅନ୍ୟାୟକୁ ରୋକିବାର ଉପାୟ ନ ଦେଖି ସେମାନେ କ'ଣ ଆଖି ବନ୍ଦ କରି ନ ଥିଲେ ?

ଉତ୍ତର : ଶେଷରେ ଯେଉଁ ନେତା ବା ଦେଶସେବକ ସମ୍ବନ୍ଧେ କହିଲେ ସେହିମାନେ ଯଥାର୍ଥରେ ପ୍ରଶଂସା ଏବଂ ସମ୍ମାନର ପାତ୍ର । ଆମ୍ଭେମାନେ ସେହିମାନଙ୍କୁ ସମ୍ମାନ କରୁଛୁ । ଭାରତ ଇତିହାସରେ ସେହିମାନଙ୍କ ଯଶଃ ଉଜ୍ଜ୍ୱଳ ତାରକାରୂପେ ପ୍ରତିଭାତ ହେବ । ସେମାନେ ଦେଶର ଉନ୍ନତି ହାର୍ଦ୍ଦିକଭାବେ ଚାହୁଁଥିବା ସତ୍ତ୍ୱେ ସେମାନଙ୍କ ଦ୍ୱାରା ଅଜ୍ଞାତରେ

ଦେଶର ଉନ୍ନତିରେ ଯେଉଁ ତ୍ରୁଟି ହୋଇଛି ସେଥିସକାଶେ ସେମାନେ କଦାପି ଦୋଷୀ ନୁହନ୍ତି । ଏହି ଦୋଷ ମନୁଷ୍ୟ ସ୍ୱଭାବର । ମନୁଷ୍ୟକୁ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇ ନ ଥିବାରୁ ତାହାଦ୍ୱାରା ସମସ୍ତ କାର୍ଯ୍ୟ ଠିକ୍ ଠିକ୍ ହୋଇପାରେ ନାହିଁ, ଏହିପରି ତ୍ରୁଟି ସୃଷ୍ଟି ଆରମ୍ଭରୁ ହୋଇଆସୁଅଛି ।

ଅନ୍ୟାନ୍ୟ ସ୍ୱାର୍ଥୀ ନେତା ବା ଦେଶସେବକମାନେ ନିଜ ସ୍ୱାର୍ଥସାଧନରେ ଯେଉଁସବୁ ଅନ୍ୟାୟ କରୁଥିଲେ, ତାହାର କୁପ୍ରଭାବ ମୁଷ୍ଟିମେୟ ବ୍ୟକ୍ତିଙ୍କ ଛଡ଼ା ସମସ୍ତ ଦେଶରେ ପଡ଼ି ଦେଶର ଉନ୍ନତିରେ ମହାନ୍ ବ୍ୟାଘାତ ଘଟିଲା; ସେହି ଅନ୍ୟାୟକୁ ରୋକିବାର କୌଣସି ଉପାୟ ନ ଥିଲା; ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ସ୍ୱଧର୍ମ ସଦୃଶ ସ୍ୱାର୍ଥସାଧନରେ ଲିପ୍ତ ଥିଲେ । ଏହା ଘଟିଲା ନୈତିକତାର ପତନ ଯୋଗୁଁ । ଏହି ପତନ ଘଟେ ଯୁଗ-ପରିବର୍ତ୍ତନ ସମୟରେ । ଏଥିସକାଶେ ଦେଶର ଯଥାର୍ଥ ହିତଚିନ୍ତକ ନେତାମାନଙ୍କୁ ଦୋଷ ଦିଆଯାଇ ପାରେ ନାହିଁ । ନୈତିକତାର ପତନ ଘଟିଛି ସମସ୍ତ ସଂସାରରେ, ବିଶେଷତଃ ଭାରତବର୍ଷରେ । କାରଣ ଭାରତବର୍ଷ ହେଉଛି ଯୁଗପରିବର୍ତ୍ତନର କେନ୍ଦ୍ର । ଭାରତରେହିଁ ନୂତନ ଯୁଗ ଆରମ୍ଭ ହେବ, ନୂତନ ଯୁଗର ଗୁରୁ ହୋଇ ଅନ୍ୟାନ୍ୟ ସମସ୍ତ ଦେଶକୁ ନୂତନ ସତ୍ୟର ପଥ ପ୍ରଦର୍ଶନ କରିବ ଭାରତବର୍ଷ । ସେହି ସକାଶେ ଭାରତର ପୂର୍ବ ନୈତିକତା ପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ତା' ସ୍ଥାନରେ ନୂତନ ସତ୍ୟର ପ୍ରତିଷ୍ଠା ହୋଇ ନାହିଁ । ବର୍ତ୍ତମାନହିଁ ଯୁଗପରିବର୍ତ୍ତନର ସନ୍ଧିକ୍ଷଣ । ସନ୍ଧିକ୍ଷଣରେହିଁ ଏହିପରି ବିପର୍ଯ୍ୟୟ ଘଟେ ।

## ଲକ୍ଷ୍ୟପ୍ରାପ୍ତି ବିନା ପ୍ରତ୍ୟେକ ବ୍ୟକ୍ତି ଅଶାନ୍ତ, ଦେଶ ଦୁଃଖଦ୍ୱନ୍ଦ୍ୱରେ ଭାରାକ୍ରାନ୍ତ :

ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ । ଏଥିରେ ଆଉ ପ୍ରଶ୍ନ କରିବାର ସ୍ଥାନ ନାହିଁ । କିନ୍ତୁ ଆମ୍ଭମାନଙ୍କର ବାହ୍ୟବସ୍ତୁ ଦେଖି ବିଚାରକରିବା ସ୍ୱଭାବରେ ପରିଣତ ହୋଇଯାଇଅଛି । ସେଥିସକାଶେ ଆନ୍ତରିକ ରହସ୍ୟ ହୃଦୟଙ୍ଗମ କରିପାରୁ ନାହିଁ । ଅତଏବ ଆପଣଙ୍କର ଏହି ଉତ୍ତର ସ୍ୱଷ୍ଟ ହୋଇଥିବା ସତ୍ତ୍ୱେ କେତେକ ବ୍ୟକ୍ତି, କେତେକ ଦେଶର ଆନ୍ତରିକ ଅଶାନ୍ତି ପ୍ରତି ଦୃଷ୍ଟି ନ ଦେଇ କେବଳ ବାହ୍ୟ ଆର୍ଥିକ ଉନ୍ନତି ଦେଖି ପ୍ରଶ୍ନ କରିପାରନ୍ତି – କେତେକ ଦେଶର ନେତା ଜୀବନର ଲକ୍ଷ୍ୟ ଗ୍ରହଣ କରି ନାହାନ୍ତି କିଂବା ଜାଣି ନାହାନ୍ତି ଅଥବା ପ୍ରାପ୍ତ ହୋଇ ନାହାନ୍ତି, ଦେଶରେ ଭୋଜନବସ୍ତ୍ରର ଅଭାବ ନାହିଁ, କଳକାରଖାନା ଓ ଧନଧାନ୍ୟରେ ପୂର୍ଣ୍ଣ; ଯୁଦ୍ଧ-ସରଞ୍ଜାମ ଓ ସୈନିକ ବଳ ବିସ୍ତାର କରି ସମସ୍ତ ଦେଶକୁ ଗ୍ରାସ କରିବାକୁ ଫନ୍ଦି କରିଛନ୍ତି । ଏହା କ'ଣ ଉନ୍ନତି ନୁହେଁ ?

ଉତ୍ତର : ଏହା ଯଥାର୍ଥରେ ଉନ୍ନତି ନୁହେଁ, ଉନ୍ନତିର ବିକୃତ ରୂପ । ମନୁଷ୍ୟ ଏବଂ ଦେଶ ସୁଖଶାନ୍ତିରେ ରହିପାରେ ଅନ୍ତରରେ ସୁଖଶାନ୍ତି, ବାହାରରେ ଭୋଜନବସ୍ତ୍ର ତଥା ସାଂସାରିକ ଐଶ୍ୱର୍ଯ୍ୟ – ଏହି ଉଭୟ ବସ୍ତୁପ୍ରାପ୍ତିରେ । ଅର୍ଥାତ୍ ଜ୍ଞାନଆନନ୍ଦର ଭିତ୍ତିରେ ହୁଏ ଜାଗତିକ ସମସ୍ତ କର୍ମ । ଏହାହିଁ ଜୀବନର ପୂର୍ଣ୍ଣତା । ଅନ୍ତରରେ ସୁଖଶାନ୍ତି ପ୍ରାପ୍ତ ନ ଥାଇ ମନୁଷ୍ୟ ବୁଦ୍ଧି-କୌଶଳ, ପ୍ରାଣର ପ୍ରବଳ କର୍ମ ଦ୍ୱାରା ସାଂସାରିକ ସଂପଦ ବା ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ତାହା ସର୍ପ ଦୁଧ ପିଇବା ସଦୃଶ ଅହଂ, ସ୍ୱାର୍ଥକୁ ବୃଦ୍ଧି କରେ ଏବଂ ଅନ୍ୟ ଦେଶ ତଥା ଅନ୍ୟ ବ୍ୟକ୍ତିର ଅନିଷ୍ଟ କରିବାରେ ସମସ୍ତ ଶକ୍ତି ପ୍ରୟୋଗ କରେ । ତୁମେ ଯେଉଁ ଦେଶକୁ ଉନ୍ନତ ବୋଲି କହୁଛ ସେ ଦେଶର ବର୍ତ୍ତମାନ ଏହାହିଁ ମନୋଭାବ । ଅନ୍ୟ ପକ୍ଷରେ ତୁମେ ଯେଉଁ ଦେଶକୁ ଆଶ୍ଚର୍ଯ୍ୟଜନକ ଉନ୍ନତ ବୋଲି କହୁଛ ସେ ଦେଶ କ'ଣ ସୁଖଶାନ୍ତିରେ ଅଛି ? ନିଜ ପ୍ରଭୁତ୍ୱ ବିସ୍ତାର କରିବା କ୍ଷୁଧାରେ ନେତାମାନେ କ'ଣ ଜଳିପୋଡ଼ି ଯାଉ ନାହାନ୍ତି ? ନିଜ ନିଜ ନେତୃତ୍ୱ କାଏମ ରଖି ଅନ୍ୟ ଦେଶରେ ଆଧିପତ୍ୟ ବିସ୍ତାର କରି ନିଜ ଅହଂ ପର୍ବତ ସମାନ ଉଚ୍ଚା କରିବା ସକାଶେ କଳ-କୌଶଳ ଫନ୍ଦିଫିକରରେ ଯୁଦ୍ଧ ବସ୍ତୁ ପ୍ରସ୍ତୁତ ତଥା ସଂଗ୍ରହ ଚିନ୍ତାରେ ଗ୍ରସ୍ତ ହେଉ ନାହାନ୍ତି କି ? ଏହି ନୀଚ ମନୋବୃତ୍ତି ଯୋଗୁଁ କାନରେ ନ ଶୁଣିବା ଜଘନ୍ୟ ନିନ୍ଦନୀୟ କାର୍ଯ୍ୟ କରୁ ନାହାନ୍ତି କି ? ଏହିପରି ଅବସ୍ଥା କ'ଣ ଆପଣଙ୍କ ଦୃଷ୍ଟିରେ ଉନ୍ନତ ? ଭୋଜନ-ବସ୍ତ୍ର ଅଭାବରେ ବ୍ୟକ୍ତି ଯେପରି ଅଶାନ୍ତ, ଭୋଜନ-ବସ୍ତ୍ର ଥାଇ ଐଶ୍ୱର୍ଯ୍ୟ ବିସ୍ତାର କରିବା ଲୋଭ ଏବଂ ଆକାଙ୍କ୍ଷାରେ

ସେହିପରି ବା ତାହାଠାରୁ ଅଧିକ ଅଶାନ୍ତି ଭୋଗ କରୁଅଛି । ଯଥାର୍ଥ ଉନ୍ନତିର ଅର୍ଥ ଭୋଜନ, ବସ୍ତ୍ର, ସୁଖଶାନ୍ତି ପ୍ରାପ୍ତି । ଦେଶରେ ସମସ୍ତ ପ୍ରକାର ଉନ୍ନତ କାର୍ଯ୍ୟ କରାଯାଏ ଦେଶବାସୀଙ୍କୁ ସୁଖଶାନ୍ତିରେ ରଖିବା ସକାଶେ । ସୁଖଶାନ୍ତି ସକାଶେହିଁ ଭୋଜନ-ବସ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁର ସୁବ୍ୟବସ୍ଥା । ଏହି ସମସ୍ତ ଆବଶ୍ୟକ ବସ୍ତୁ ପ୍ରାପ୍ତଥାଇ ଯଦି ମନୁଷ୍ୟ ସୁଖଶାନ୍ତିରେ ନ ରହେ, ତେବେ ତାହା ଯଥାର୍ଥରେ ଉନ୍ନତି ନୁହେଁ । ମନୁଷ୍ୟର ପ୍ରଧାନ ବସ୍ତୁ ସୁଖଶାନ୍ତି । ବାହ୍ୟ ବସ୍ତୁ ତା'ର ଉପାୟ ବା ସାଧନ । ବାହ୍ୟବସ୍ତୁ ସ୍ୱୟଂ ସୁଖଶାନ୍ତି ନୁହନ୍ତି ।

ପ୍ରଶ୍ନ : ଆପଣଙ୍କ ଉକ୍ତି ଦେଶନେତାମାନଙ୍କ ସକାଶେ ପ୍ରଯୁଜ୍ୟ । କିନ୍ତୁ ବିଜ୍ଞାନବେତ୍ତାମାନେ ପରୋପକାର ସକାଶେ ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି ଏବଂ ଦେଶର ଉନ୍ନତି ସକାଶେ ନୂତନ ବସ୍ତୁ ଆବିଷ୍କାର କରୁଛନ୍ତି । ଏହି କାର୍ଯ୍ୟ କ'ଣ ଅନ୍ୟର ହିତ ନୁହେଁ ? ସେମାନେ କ'ଣ ଜୀବନର ଯଥାର୍ଥ ସୁଖଶାନ୍ତି ପାଉ ନାହାନ୍ତି ?

ଉତ୍ତର : ସେମାନେ ଅନ୍ୟର ହିତ ଉଦ୍ଦେଶ୍ୟରେ ନୂତନ ବସ୍ତୁ ଆବିଷ୍କାର କରୁଛନ୍ତି, କିନ୍ତୁ ସେଥିରେ ଅନ୍ୟର ଯଥାର୍ଥ ହିତ ହେଉ ନାହିଁ, ବରଂ ବ୍ୟକ୍ତି ଭୋଗ-ବିଳାସ ଏବଂ ଜୀବନରକ୍ଷା ଆତଙ୍କରେ ଆତଙ୍କିତ ହେଉଅଛି । ସେମାନଙ୍କର ନିଜ ମଧ୍ୟରେ ଅହଂ, ସ୍ୱାର୍ଥ ବିଦ୍ୟମାନ ଥିବାରୁ ସଂସାରର ସମସ୍ତ ବ୍ୟକ୍ତି ସଦୃଶ ସେମାନେ ମଧ୍ୟ ସଂସାର-ବସ୍ତୁରେ ସୁଖଶାନ୍ତି ଖୋଜୁଛନ୍ତି, ଶେଷରେ ସେଥିରୁ ନିରାଶ ହେଉଛନ୍ତି । ସଂସାରରେ କୌଣସି ବ୍ୟକ୍ତି ଭଗବତ୍ ପ୍ରାପ୍ତି ବିନା ସାଂସାରିକ କୌଣସି ବସ୍ତୁରେ ସୁଖଶାନ୍ତି ପାଇପାରେ ନାହିଁ, ଏହା ନିରାଟ ସତ୍ୟ ।

ପ୍ରଶ୍ନ : ଆପଣ ଜୀବନର ଯେଉଁ ଅଖଣ୍ଡ ସୁଖଶାନ୍ତି କଥା କହୁଛନ୍ତି, ତାହା ଅଧ୍ୟାତ୍ମ ସାଧକ ଛଡ଼ା ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରାପ୍ତ ହୋଇ ନ ଥାଏ । କିନ୍ତୁ ଯେଉଁମାନେ ବ୍ୟବସାୟ, ଚାକିରି ବା ଅନ୍ୟ କୌଣସି ପେସା କରନ୍ତି ସେମାନେ କିପରି ଶାନ୍ତିରେ ଥାଆନ୍ତି ?

ଉତ୍ତର : ସେମାନେ ଯଥାର୍ଥରେ ସୁଖଶାନ୍ତିରେ ନ ଥା'ନ୍ତି । କିନ୍ତୁ ତା' ଅପେକ୍ଷା ଉତ୍କୃଷ୍ଟ ଜୀବନ ସମ୍ବନ୍ଧେ କେବେ ଭାବନ୍ତି ନାହିଁ କିଂବା ଆଶା କରନ୍ତି ନାହିଁ; ସଂସାରରେ ମୋହିତ ଥିବାରୁ, ନିଜେ ଏହି ପୃଥିବୀକୁ କାହିଁକି ଆସିଛନ୍ତି, ତାଙ୍କ ଜୀବନର ଲକ୍ଷ୍ୟ କ'ଣ, ସେ କ'ଣ କରୁଛନ୍ତି, ଏ ସବୁ ପ୍ରଶ୍ନ ସେମାନେ କେବେ ବି ନିଜକୁ ପଚାରନ୍ତି ନାହିଁ; ଘଣାରେ ଯୋଚା ହୋଇ ବୁଲୁଥିବା ବଳଦ ସଦୃଶ ବାରମ୍ବାର ଜନ୍ମ-ମରଣ-ଚକ୍ରରେ ଭ୍ରମୁଥାଆନ୍ତି ।

ପ୍ରଶ୍ନ : ଆପଣଙ୍କ ମତରେ କ'ଣ ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତ ହେଲେ ତାକୁ କୌଣସି ପ୍ରକାର ଦୁଃଖଦ୍ୱନ୍ଦ୍ୱ ସ୍ପର୍ଶ କରେ ନାହିଁ, ସୁପ୍ତ କର୍ମଶକ୍ତି ଜାଗ୍ରତ ହୁଏ, କର୍ମ ଏବଂ ଅଧ୍ୟାତ୍ମ ମିଳନରେ ଜୀବନ ହୁଏ ପୂର୍ଣ୍ଣ ଏବଂ ତେବେହିଁ ଅନ୍ୟର ଯଥାର୍ଥ ହିତ ହୁଏ ?

ଉତ୍ତର : ଯଥାର୍ଥରେ ଏହାହିଁ ।

ପ୍ରଶ୍ନ : ଏପରି କୌଣସି ବ୍ୟକ୍ତି ଜୀବନର ଲକ୍ଷ୍ୟ ପ୍ରାପ୍ତହୋଇ ସ୍ୱୟଂ ପରମସୁଖମୟ ଜୀବନ-ଯାପନ କରିଛନ୍ତି କି ଯାହାଙ୍କୁ ଦୁଃଖ ସ୍ପର୍ଶ କରି ନାହିଁ ଏବଂ ସେ ଅନ୍ୟର ଯଥାର୍ଥ ହିତ କରିପାରିଛନ୍ତି ?

ଉତ୍ତର : ସେମାନେ ହେଉଛନ୍ତି ଆମ୍ଭମାନଙ୍କ ପୂର୍ବଜ ଋଷିମୁନି, ସନ୍ଥମହାତ୍ମା, ମହାପୁରୁଷ । ସେମାନେ ନିଜ ଜୀବନର ପରମ ଲକ୍ଷ୍ୟ, ପରମାନନ୍ଦ ପ୍ରାପ୍ତ ହୋଇଥିଲେ । ସେମାନଙ୍କ ଅହଂ, ସ୍ୱାର୍ଥ ସେହି ପରମାନନ୍ଦରେ ବିଲୀନ ହୋଇ ଯାଇଥିଲା । ଯେଉଁ ବ୍ୟକ୍ତିମାନେ ତାଙ୍କ ନିର୍ଦ୍ଦେଶ ଗ୍ରହଣ କରିଥିଲେ ସେମାନଙ୍କୁ ମଧ୍ୟ ସେହି ପରମାନନ୍ଦ ପ୍ରଦାନ କରି ସେମାନଙ୍କ ମହାନ୍ ଦୁଃଖଦ୍ୱନ୍ଦ୍ୱ ଦୂର କରିଥିଲେ । ସେହିମାନେ ଯଥାର୍ଥରେହିଁ ଜଗତର ହିତ କରିଥିଲେ । ସେମାନେ ହେଉଛନ୍ତି ବ୍ୟାସ, ବାଲ୍ମୀକି, ନାରଦ, ସନତ୍କୁମାର, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ, ଯିଶୁଖ୍ରୀଷ୍ଟ, ମହମ୍ମଦ, ତୁଳସୀଦାସ, କବୀର, ନାନକ, ଜ୍ଞାନଦେବ, ନାମଦେବ, ସମର୍ଥ ରାମଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଚୈତନ୍ୟ ମହାପ୍ରଭୁ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଇତ୍ୟାଦି ।

ଏହିମାନେ ସତ୍ୟ ଉପଲବ୍ଧି କରିଥିଲେ । ହଜାର ହଜାର, ଲକ୍ଷ ଲକ୍ଷ ବ୍ୟକ୍ତିଙ୍କୁ ସେହି ସତ୍ୟ ଉପଲବ୍ଧି କରାଇଥିଲେ । ସେମାନେ ନିବାସ କରୁଥିଲେ ପରମସତ୍ୟ, ପରମ ଜ୍ଞାନରେ । ସେହି ଅଭ୍ରାନ୍ତ ଜ୍ଞାନରେ ନିବାସ କରି ଯାହା କହିଥିଲେ,

ଯାହା କରିଥିଲେ, ଯାହା ଲେଖିଥିଲେ, ତାହାହିଁ ସମାଜରେ ମାନଦଣ୍ଡରୂପେ ମାନ୍ୟ ହୋଇଥିଲା । ସେହିମାନଙ୍କ ନିର୍ଦ୍ଦେଶିତ ସତ୍ୟର ପ୍ରଭାବରେ ଆଜି ବି ସଂସାର ପରିଚାଳିତ ହେଉଅଛି ।

ପ୍ରଶ୍ନ : ଆପଣ ଯେଉଁ ଋଷିମୁନି, ସନ୍ଥ-ମହାତ୍ମା, ମହାପୁରୁଷଙ୍କ ନାମ ଉଲ୍ଲେଖ କଲେ ସେମାନେ ସମସ୍ତେ ଜୀବନର ଲକ୍ଷ୍ୟ ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହେବା ସକାଶେ ଗୃହ-ପରିବାର, ସଂସାର ସମସ୍ତ କିଛି ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଛନ୍ତି । ସେମାନେ ନିଜ ସ୍ୱାର୍ଥ ସାଧନ କରିଅଛନ୍ତି, ଦେଶର ବା ଅନ୍ୟର ହିତ କଲେ କିପରି ?

ଉତ୍ତର : ଅଧ୍ୟାତ୍ମ ଋଷି, ମୁନି, ସାଧୁ, ସନ୍ଥ, ମହାପୁରୁଷମାନେ ଉପଲବ୍ଧି କରିଥିବା ଅଧ୍ୟାତ୍ମ ସତ୍ୟହିଁ ସଂସାରର ନୀତିନିୟମ, ଶୃଙ୍ଖଳାର ପଶ୍ଚାତ୍‌ରେ ରହି ସେସବୁକୁ ଧାରଣ କରିଅଛି । ଏହି ସତ୍ୟ ବିନା ସଂସାର ତିଷ୍ଠିପାରେ ନାହିଁ କିଂବା ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ – ପରମସୁଖ, ଜରା-ରୋଗ-ମୃତ୍ୟୁରୁ ମୁକ୍ତ ସମସ୍ତ ସତ୍ତାର ଭଗବାନଙ୍କ ସହିତ ଏକତ୍ୱ, ଦିବ୍ୟ-ଜୀବନ – ଦିଗରେ ଅଗ୍ରସର ହୋଇପାରେ ନାହିଁ । ଅଧ୍ୟାତ୍ମ ସତ୍ୟଦ୍ରଷ୍ଟା ଋଷି, ମୁନି, ସାଧୁ, ସନ୍ଥମାନେ ସଂସାରର ଯଥାର୍ଥ ହିତ କରୁଥିବାରୁ ସଂସାରର ବ୍ୟକ୍ତି ଏହି ରହସ୍ୟ ସ୍ପଷ୍ଟଭାବେ ନ ଜାଣି ବି ଅନ୍ତରାତ୍ମାର ଅସ୍ପଷ୍ଟ ପ୍ରେରଣାରେ ଏମାନଙ୍କୁ ପୂଜା କରନ୍ତି । ସତ୍ୟ ଉପଲବ୍ଧି କରିଥିବା ସାଂସାରିକ ସଂପଦବିହୀନ ଜଣେ ସନ୍ଥଙ୍କ ସମ୍ମୁଖରେ ସଂସାରର ଐଶ୍ୱର୍ଯ୍ୟପ୍ରାପ୍ତ ମହାନ୍ ପ୍ରତିଷ୍ଠିତ ବ୍ୟକ୍ତି ବା ଦେଶ ଶାସକ ସ୍ୱତସ୍ଫୂର୍ତ୍ତଭାବେ ନତମସ୍ତକ ହେଉଛନ୍ତି, ଏପରିକି ଈଶ୍ୱରବିରୋଧୀ ବ୍ୟକ୍ତି ବି ଅନ୍ତରରେ ସଙ୍କୁଚିତ ହୁଅନ୍ତି । ଦେଶନେତା, ଦେଶ ଶାସକମାନେ ହଜାର ପ୍ରକାର ଆଇନକାନୁନ, ଦଣ୍ଡ-ବିଧାନ ଦ୍ୱାରା ଦେଶରୁ ଅସତ୍ୟ-ଅନ୍ୟାୟ, ଚୋରି-ଡକାୟତି ଦୂର କରିପାରନ୍ତି ନାହିଁ । ଜଣେ ସତ୍ୟଦ୍ରଷ୍ଟା ମହାପୁରୁଷ ଏହି ପୃଥିବୀକୁ ଆସିଲେ ତାଙ୍କରି ଆଧ୍ୟାତ୍ମିକ ପ୍ରଭାବରେ ଅନ୍ୟାୟ ଅସତ୍ୟ ଦୂର ହୋଇଯାଏ । ରାମରାଜ୍ୟର ନୀତି ନିପୁଣତା ଆଜି ବି ଜନମୁଖରେ ପ୍ରଚଳିତ ଅଛି । ବୁଦ୍ଧ, ଶଙ୍କର, ଅନ୍ୟାନ୍ୟ ଆଚାର୍ଯ୍ୟ, ମହାପୁରୁଷମାନେ କେବଳ ଭାରତବର୍ଷରେ ନୁହେଁ ଅନ୍ୟାନ୍ୟ ଦେଶରେ ବି ସତ୍ୟ ପ୍ରଭାବରେ ନୈତିକତା ସ୍ଥାପନ କରିଅଛନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ ସତ୍ୟ କିପରି ନୀତିନିୟମ, ଶୃଙ୍ଖଳା ପଶ୍ଚାତ୍‌ରେ ରହି ସେସବୁକୁ ଧାରଣ କରିଅଛି – ସ୍ପଷ୍ଟଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଯେପରି ଶରୀର, ପ୍ରାଣ, ମନ ପଶ୍ଚାତ୍‌ରେ ଆତ୍ମା ରହି ସେସବୁକୁ ଧାରଣ କରିଥାଏ, ସେହିପରି ନୈତିକ ନିୟମର ଶୃଙ୍ଖଳା ପଶ୍ଚାତ୍‌ରେ ଅଧ୍ୟାତ୍ମ ସତ୍ୟ ରହି ସେସବୁକୁ ଧାରଣ କରିଥାଏ । ଆତ୍ମାକୁ ଯେପରି ସମସ୍ତେ ଦେଖିପାରନ୍ତି ନାହିଁ, ସେହିପରି ଅଧ୍ୟାତ୍ମ ସତ୍ୟର ସନ୍ଧାନ ସମସ୍ତେ ପାଇପାରନ୍ତି ନାହିଁ । ଆତ୍ମା ଶରୀର ତ୍ୟାଗ କଲେ ଯେପରି ମନ-ପ୍ରାଣ-ଶରୀର ନିଷ୍କ୍ରିୟ ମୃତ୍ୟୁକୁ ପ୍ରାପ୍ତ ହୁଏ, ସେହିପରି ସଂସାରରୁ ଅଧ୍ୟାତ୍ମ ସତ୍ୟ ଅପସରି ଗଲେ ସଂସାରର ଧ୍ୱଂସ ବା ପ୍ରଳୟ ହୁଏ ।

ସଂସାର ପରିଚାଳିତ ହୁଏ ଦୁଇଟି ଶକ୍ତି ଦ୍ୱାରା । ଗୋଟିଏ ପରମ ସତ୍ୟ ଅଧ୍ୟାତ୍ମ ଶକ୍ତି ଓ ଅନ୍ୟଟି ଅନ୍ୟାୟ-ଅସତ୍ୟ, ମୃତ୍ୟୁ-ରୋଗ, ଦୁଃଖ-କଷ୍ଟ, ହିଂସା-ଦ୍ୱେଷ, ଅହଂ-ସ୍ୱାର୍ଥ, ଯୁଦ୍ଧ-ବିଗ୍ରହ, ଚୋରି-ଡକାୟତି ଆଦି ଆସୁରୀ ଶକ୍ତି । ଏହି ପୃଥିବୀରେ ଆସୁରୀ ଶକ୍ତିର ପ୍ରକାଶ ଥାଏ ଏବଂ ତାହାରି ଦ୍ୱାରା ପୃଥିବୀ ଶାସିତ ହେଉଥାଏ । କିନ୍ତୁ ଏହି ପୃଥିବୀରେ ଆଧିପତ୍ୟ ଆସୁରୀ ଶକ୍ତିର । ତଥାପି ସେ ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ, ପ୍ରାନ୍ତୀୟ ଶାସକ ସଦୃଶ କିଛି ସୀମା ପର୍ଯ୍ୟନ୍ତ ସେ ସ୍ୱତନ୍ତ୍ର ଥାଏ । କେନ୍ଦ୍ରୀୟ ଶାସକଙ୍କ ସଦୃଶ ସର୍ବନିୟନ୍ତା ଭଗବାନ୍ ସର୍ବୋପରି ରହିଥାଆନ୍ତି ଏବଂ ସଂସାର-ରକ୍ଷା ତଥା ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ସକାଶେ ନିଜ ଅଧ୍ୟାତ୍ମ ଶକ୍ତିକୁ ନିଯୁକ୍ତ କରିଥାଆନ୍ତି ।

ଶରୀର, ପ୍ରାଣ ଓ ମନର ସ୍ତର ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ଏହି ସ୍ତରରେ ବିକାଶ ସକାଶେ ଦୁଃଖ-କଷ୍ଟ, ରୋଗ-ମୃତ୍ୟୁର ଆବଶ୍ୟକ । ଏହି ଅଜ୍ଞାନ ଅବସ୍ଥାରେ ଦୁଃଖକଷ୍ଟ ନ ହେଲେ ମନୁଷ୍ୟ ଅଗ୍ରଗତି ନ କରି ତାମସିକତାରେ ସେହିଠାରେ ପଡ଼ିରହିବାକୁ ଚାହାନ୍ତି । ଅଜ୍ଞାନ, ଦୁଃଖ, କଷ୍ଟ ଏବଂ ବିନାଶ ହେଉଛି ଅନ୍ଧକାର ଶକ୍ତିର କାର୍ଯ୍ୟ । ସେହି ସକାଶେ ଏହି ଅଜ୍ଞାନ ସ୍ତରରେ ଦୁଃଖକଷ୍ଟପୂର୍ଣ୍ଣ ବିନାଶକାରୀ ଅନ୍ଧକାର ଶକ୍ତିକୁ ଭଗବାନ୍ ନିଯୁକ୍ତ କରିଅଛନ୍ତି ।

ଭଗବାନ୍ ବୈଚିତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜକୁ ଅନ୍ଧକାର ମଧ୍ୟରେ ଡୁବାଇ ଦେଲେ । ଜଡ଼ରୁ ମନଃସ୍ତର

ପର୍ଯ୍ୟନ୍ତ ଅଜ୍ଞାନ, ଅନ୍ଧକାରଶକ୍ତିକୁ ଶାସନର ଭାର ଦେଲେ । କିନ୍ତୁ ସେ ଶକ୍ତିର ସ୍ୱଭାବ କେବଳ ଦୁଃଖ, କଷ୍ଟ ଓ ବିନାଶ । ତଦ୍ୱାରା ବିକାଶ ସମ୍ଭବ ନୁହେଁ । ବିକାଶ ସକାଶେ ଅଜ୍ଞାନ, ଅନ୍ଧକାର ଶକ୍ତିର ପଶ୍ଚାତ୍‌ରେ ରଖିଲେ ଅଧ୍ୟାତ୍ମ ପରମ ସତ୍ୟ-ଶକ୍ତିକୁ । ସେହି ସତ୍ୟଶକ୍ତି ଅନ୍ଧକାରଶକ୍ତିକୁ ଧାରଣ କରି ଅନ୍ଧକାରଶକ୍ତିର କ୍ରିୟା ମଧ୍ୟଦେଇ ଅଦୃଶ୍ୟ ଭାବରେ ବିକାଶକୁ ଆଗେଇ ନେଇ ଚାଲିଲେ ତରୁଲତା, ପଶୁପକ୍ଷୀ ପର୍ଯ୍ୟନ୍ତ ପ୍ରକୃତି ମଧ୍ୟଦେଇ । ମନସ୍ତରରେ ମନୁଷ୍ୟକୁ ପ୍ରାପ୍ତ ହେଲା ମନ ଏବଂ ବୁଦ୍ଧି । ବୃକ୍ଷଲତା, ପଶୁପକ୍ଷୀ ଅପେକ୍ଷା ମନୁଷ୍ୟକୁ କର୍ମର ଅଧିକାର ଅଧିକ ପ୍ରାପ୍ତ ହେଲା । ମନୁଷ୍ୟର ମନ-ବୁଦ୍ଧି କେବଳ ଶକ୍ତିର ଯନ୍ତ୍ର । ଯେଉଁ ଶକ୍ତିର ପ୍ରଭାବ ଅଧିକ ହୁଏ, ତାହାରି ଦ୍ୱାରା ମନୁଷ୍ୟର ମନ-ବୁଦ୍ଧି ଚାଳିତ ହୁଏ । ପ୍ରକୃତିଚାଳିତ ବିକାଶର ମନ୍ଥର ଗତିକୁ ଅତ୍ୟନ୍ତ ତୀବ୍ର କରିବା ସକାଶେ ମନୁଷ୍ୟର ସହଯୋଗ ଆବଶ୍ୟକ । ପଶୁ ପର୍ଯ୍ୟନ୍ତ ବିକାଶରେ ସେସବୁର ସହଯୋଗ ନ ଥିଲା । ସେମାନଙ୍କୁ ମନ-ବୁଦ୍ଧି ପ୍ରାପ୍ତ ନ ଥିବାରୁ ସେମାନେ ବିକାଶରେ ସହଯୋଗ କରିପାରୁ ନ ଥିଲେ କିଂବା ସେମାନଙ୍କ ଦ୍ୱାରା ସୃଷ୍ଟି ନାଶ ହେଉ ନ ଥିଲା । ବିକାଶର ଅଗ୍ରଗତି ହେଉଥିଲା ପ୍ରକୃତି ଦ୍ୱାରା । ସେହି ସକାଶେ ବିକାଶର ଗତି ହେଉଥିଲା ଅକଳ୍ପନୀୟ ବିଳମ୍ବ । ମନୁଷ୍ୟକୁ ମନ-ବୁଦ୍ଧି ପ୍ରାପ୍ତ ହେଲା ପରେ ଅଧ୍ୟାତ୍ମ ସତ୍ୟ-ଶକ୍ତିର କିଛି ପ୍ରଭାବ ଯଦି ସେଥିରେ ନ ପଡ଼େ, ତେବେ ତାହା ଅନ୍ଧକାର ଶକ୍ତିର ଯନ୍ତ୍ର ହୋଇ ବିକାଶ ପରିବର୍ତ୍ତେ ଧ୍ୱଂସ ଆଡ଼କୁ ଗତି କରିବ । କିନ୍ତୁ ଭଗବାନଙ୍କ ବ୍ୟବସ୍ଥା ଦ୍ୱାରା ମନର ପୂର୍ଣ୍ଣ ବିକାଶ ପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ଶାସନ-ଅଧିକାର ଥିବାରୁ ଅଧ୍ୟାତ୍ମସତ୍ୟ ମୁକ୍ତରୂପେ ମନୁଷ୍ୟର ମନପ୍ରାଣକୁ ଅଧିକାର କରିପାରିବ ନାହିଁ, ତାହା ଭଗବାନଙ୍କର ଅଭିପ୍ରେତ ନୁହେଁ କିଂବା ସଂସାରର ଉଦ୍ଦେଶ୍ୟ ବି ନୁହେଁ । ଅନ୍ୟ କାରଣ ହେଲା ମନୁଷ୍ୟର ଚେତନା ଅଧ୍ୟାତ୍ମ ସତ୍ୟ-ଚେତନାର ବିଜାତୀୟ । ସାଧାରଣ ବ୍ୟକ୍ତି ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିପାରନ୍ତି ନାହିଁ, ଯେଉଁମାନେ ସାଧନା କରି ନିଜକୁ ଅଧ୍ୟାତ୍ମ ସତ୍ୟର ସ୍ୱଜାତୀୟ କରିନିଅନ୍ତି ସେହିମାନେ ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିପାରନ୍ତି ।

ନୈତିକତା ମନ-ନିର୍ମିତ । ମନୁଷ୍ୟକୁ ମନ ପ୍ରାପ୍ତ ହୋଇଛି, ସୁତରାଂ ମନୁଷ୍ୟର ସ୍ୱଜାତୀୟ ହେଲା ନୈତିକତା । ଅତଏବ ମନୁଷ୍ୟର ଅଗ୍ରଗତି ସକାଶେ ନୈତିକତା ନିର୍ଦ୍ଧାରଣ କରାଗଲା, କିନ୍ତୁ ତାହା ରକ୍ଷା କରିବା ସକାଶେ ଅଧ୍ୟାତ୍ମ ସତ୍ୟ ତାହା ପଶ୍ଚାତ୍‌ରେ ରହି ନୈତିକତାକୁ ଧାରଣ କରି ରହିଲା ।

ପ୍ରଶ୍ନ : ଯଦି ନୈତିକତାକୁ ଅଧ୍ୟାତ୍ମ ଶକ୍ତି ଧାରଣ କରି ରହିଥାଏ, ତେବେ ଜଗତରେ ଅନ୍ୟାୟ ବୃଦ୍ଧି ହୁଏ କାହିଁକି ?

ଉତ୍ତର : ଶକ୍ତି ଶକ୍ତିକୁ ଧାରଣ କରିବା ଅର୍ଥ ଶକ୍ତି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରିବା । ଅଧ୍ୟାତ୍ମ ସତ୍ୟକୁ ଧାରଣ କରିବା ବ୍ୟକ୍ତି ସଂସାରରେ ନ ରହିଲେ ନୈତିକତାର ପତନ ହୁଏ, ଅନ୍ୟାୟ-ଅସତ୍ୟ ପ୍ରବଳ ହୁଏ । ତେବେ ପୁନରାୟ ଭଗବାନ୍ ବା ମହାପୁରୁଷମାନେ ପୃଥିବୀରେ ଅବତୀର୍ଣ୍ଣ ହୋଇ ଅଧ୍ୟାତ୍ମ ଶକ୍ତିର ପ୍ରଭାବରେ ନୈତିକତା ପ୍ରତିଷ୍ଠା କରନ୍ତି । କାରଣ ମନୁଷ୍ୟର ମନସ୍ତର ପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ଶାସନ । ସେଥିରେ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତ ଗୋଟିଏ ନୂତନ ମନୁଷ୍ୟଜାତିର ପ୍ରତିଷ୍ଠା ହୋଇପାରେ ନାହିଁ । କେବଳ ନୈତିକତାର ପତନ ହେଲେ ତାହାର ରକ୍ଷା ସକାଶେ ଭଗବାନ୍ ବା ମହାପୁରୁଷ ଆସି ନୈତିକତା ପ୍ରତିଷ୍ଠା କରି ଚାଲିଯାଆନ୍ତି । ତାଙ୍କ ପ୍ରଭାବରେ କିଛି ଦିନ ଚାଲେ । ପୁନରାୟ ନୈତିକତାର ପତନ ହେଲେ ସେମାନେ ଆସନ୍ତି । ଏହିପରି ବରାବର ଚାଲିଥାଏ ମନସ୍ତର ଶେଷ ହେବା ପର୍ଯ୍ୟନ୍ତ । ଗୀତାରେ ଭଗବାନ୍ ସ୍ୱୟଂ କହିଅଛନ୍ତି –

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।୭।।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୮।। (ଅଧ୍ୟାୟ ୪)

ପ୍ରଶ୍ନ : ଆପଣଙ୍କ ଉତ୍ତର ସ୍ପଷ୍ଟ, ବୁଝିବାରେ ଅସୁବିଧା ନାହିଁ, ମାତ୍ର ସାଧାରଣ ବ୍ୟକ୍ତିଙ୍କର ବୋଧଗମ୍ୟ ଉଦାହରଣ ଦେଇ ବୁଝାଇଦିଅନ୍ତୁ ଯେ କିପରି ଅଧ୍ୟାତ୍ମ ସତ୍ୟ ନୈତିକତାକୁ ଧାରଣ କରି ରହିଅଛି ?

ଉତ୍ତର : ଯେପରି ଯୁଦ୍ଧରେ ବଳଶାଳୀ ସେନାପତି ଥିଲେ ସୈନିକମାନେ ପ୍ରବଳ ହୁଅନ୍ତି, ଶତ୍ରୁପକ୍ଷ ହାରିଯାଆନ୍ତି, ଦେଶର ନେତା ଶକ୍ତିଶାଳୀ ଥିଲେ କର୍ମୀମାନେ ନିର୍ଭୀକ ହୁଅନ୍ତି, ଅନ୍ୟ ସଂଘ ମୁଣ୍ଡ ଟେକିପାରନ୍ତି ନାହିଁ, ସେହିପରି ଅଧ୍ୟାତ୍ମ ଧର୍ମନିଷ୍ଠ ମହାପୁରୁଷ ସଂସାରରେ ଥିବା ସମୟରେ ନୈତିକତା ପ୍ରବଳ ହୁଏ; ଅନ୍ୟାୟ, ଅସତ୍ୟ ହ୍ରାସ ହୁଏ । ଶ୍ରୀରାମଙ୍କ ରାମରାଜ୍ୟର ନୈତିକତା ଆଜି ବି ଜନମୁଖରେ ପ୍ରଚଳିତ ଅଛି । ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ ତଥା ଅନ୍ୟାନ୍ୟ ଆଚାର୍ଯ୍ୟ ଓ ମହାପୁରୁଷ ସଂସାରକୁ ଆସି ଅଧ୍ୟାତ୍ମସତ୍ୟ ଶକ୍ତିରେ ନୈତିକତା ପ୍ରତିଷ୍ଠା କରିଥିଲେ । ଅନ୍ୟାନ୍ୟ ଦେଶରେ ଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ମହାପୁରୁଷ ଆସି ମଧ୍ୟ ନୈତିକତା ପ୍ରତିଷ୍ଠା କରିଥିଲେ ।

ପ୍ରଶ୍ନ : ସେମାନେ ସମସ୍ତେ ଅଧ୍ୟାତ୍ମ ଧର୍ମ ପ୍ରଚାର କରିଥିଲେ, ନୈତିକତାକୁ ଧାରଣ କରିଥିଲେ କିପରି ?

ଉତ୍ତର : ଅଧ୍ୟାତ୍ମ ହେଉଛି ଯଥାର୍ଥ ସତ୍ୟ, ନୈତିକତା ତା'ର ପ୍ରଭାବ ମାତ୍ର । ଭଗବାନ୍ ସତ୍ୟସ୍ୱରୂପ, ଆଚାର୍ଯ୍ୟ ଓ ମହାପୁରୁଷମାନେ ଭଗବାନଙ୍କ ଅଂଶ । ଅଧ୍ୟାତ୍ମ ସତ୍ୟକୁ ସେହିମାନେ ଧାରଣ କରିଥା'ନ୍ତି । ସେମାନେ ଯଦ୍ୟପି ଆମ୍ଭମାନଙ୍କ ସଦୃଶ ମନୁଷ୍ୟ ଶରୀର ଧାରଣ କରନ୍ତି, ଆମରି ସଦୃଶ କର୍ମ କରନ୍ତି, ତଥାପି ତାଙ୍କର ଚେତନା ଆମରି ଚେତନାଠାରୁ ଥାଏ ବହୁତ ଊର୍ଦ୍ଧ୍ୱରେ । ସଂସାରର ଖୁବ୍ ଅଳ୍ପ ବ୍ୟକ୍ତି, ଯେଉଁମାନେ ଦଶ-କୋଡ଼ିଏ ଜଣରୁ ଅଧିକ ନୁହନ୍ତି, ସେମାନେ ସାଧନା କରି ନିଜ ଆଧାରକୁ ଅଧ୍ୟାତ୍ମ ସତ୍ୟ ଧାରଣ କରିବାର ଉପଯୁକ୍ତ କରନ୍ତି ଏବଂ କିଛି ଅଂଶରେ ଧାରଣ କରନ୍ତି । ଅନ୍ୟମାନେ ହୁଅନ୍ତି ଭକ୍ତ । ସେମାନେ କେବଳ ଅବତାର ବା ମହାପୁରୁଷଙ୍କ ପ୍ରତି ଶ୍ରଦ୍ଧାଭକ୍ତି ରଖନ୍ତି ଏବଂ ଅଧ୍ୟାତ୍ମ ଶକ୍ତିର ପ୍ରଭାବ ମାତ୍ର ଗ୍ରହଣ କରନ୍ତି । ଏହିପରି ସଂସାରରେ କେତେକ ବ୍ୟକ୍ତି ଅଧ୍ୟାତ୍ମ ଶକ୍ତିକୁ ଗ୍ରହଣ କରିବା ଏବଂ କେତେକ ବ୍ୟକ୍ତି ତାହାର ପ୍ରଭାବରେ ପ୍ରଭାବିତ ହେବା ଦ୍ୱାରା ସଂସାରର ବାତାବରଣରେ ମହାନ୍ ପ୍ରଭାବ ପଡ଼େ । ତାହାରି ପ୍ରଭାବରେ ଅନ୍ୟାୟ, ଅସତ୍ୟ ଦବିଯାଏ । ତେବେ ନୈତିକତା କର୍ମରେ ପରିଣତ ହୁଏ । ଏହିପରି ବାରଂବାର ହେଉଥାଏ ।

ଅଧ୍ୟାତ୍ମ ସତ୍ୟନିଷ୍ଠ ମହାପୁରୁଷମାନେ ସଂସାରର ଅସତ୍ୟ, ମୋହ, ଅଜ୍ଞାନତା, ସ୍ୱାର୍ଥ ଓ ଅହଂମୂଳକ ପ୍ରବୃତ୍ତିକୁ ତ୍ୟାଗ କରିଥିବାରୁ ସେମାନଙ୍କୁ ପ୍ରାପ୍ତ ହୋଇଛି ଅଭ୍ରାନ୍ତ ଜ୍ଞାନ, ଏହିମାନେ କରିପାରିଛନ୍ତି ଅନ୍ୟର ଯଥାର୍ଥ ହିତ, ହଜାର ହଜାର ବର୍ଷରୁ ଏମାନଙ୍କ ସିଦ୍ଧାନ୍ତ ରହିଛି ସତ୍ୟ ଏବଂ ଭବିଷ୍ୟତରେ ମଧ୍ୟ ଏହାହିଁ ରହିବ ।

ଅଜ୍ଞାନ, ମୋହ, ଅହଂ, ସ୍ୱାର୍ଥାଦି ତ୍ୟାଗ ନ କରିଥିବା, ଜୀବନର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହୋଇ ନ ଥିବା ଦେଶନେତା ବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଦେଶରେ ବା ଅନ୍ୟର ଯେଉଁ ସାମୟିକ ହିତସାଧନ ହୁଏ, ତାହା ପଶ୍ଚାତ୍‌ରେ କୌଣସି ଦୃଢ଼ ସତ୍ୟ ନ ଥାଏ । ସେଥିଯୋଗୁଁ ସେହି ହିତ, ପୂର୍ଣ୍ଣ ଏବଂ ସ୍ଥାୟୀ ହୋଇପାରେ ନାହିଁ । ଉଦାହରଣସ୍ୱରୂପ — ଦେଶକୁ ସୁଖଶାନ୍ତିରେ ରଖିବା ସକାଶେ ସୃଷ୍ଟି ଆରମ୍ଭରୁ ବହୁପ୍ରକାର ପ୍ରଯତ୍ନ କରାହେଉଛି । କିନ୍ତୁ ସେଥିରେ ଦେଶ ସୁଖଶାନ୍ତିରେ ରହିପାରୁ ନାହିଁ, ଅଭାବ-ଅନଟନ ଦୂର ହେଉ ନାହିଁ, ଏକ ଦେଶ ସହିତ ଅନ୍ୟ ଦେଶ ଯୁଦ୍ଧ କରି ସର୍ବନାଶ କରୁଛି । ବହୁ ଉପାୟ ଦ୍ୱାରା ଆଜିପର୍ଯ୍ୟନ୍ତ ସଂସାରରେ କୌଣସି ବ୍ୟକ୍ତି ସୁଖଶାନ୍ତି ସ୍ଥାପନା କରିପାରି ନାହାନ୍ତି ।

ପ୍ରଶ୍ନ : ଅଧ୍ୟାତ୍ମ ସତ୍ୟ ବିନା କୌଣସି ବ୍ୟକ୍ତି ସଂସାରରେ ଯଥାର୍ଥ ସୁଖଶାନ୍ତି ପ୍ରତିଷ୍ଠା କରିପାରି ନାହିଁ କିଂବା ସଂସାରର ଯଥାର୍ଥ ଉନ୍ନତି ହୋଇ ନାହିଁ, ଏହା ପ୍ରତ୍ୟକ୍ଷ ଘଟଣା । କିନ୍ତୁ ଅଧ୍ୟାତ୍ମ ସତ୍ୟନିଷ୍ଠ ବ୍ୟକ୍ତି ଯଦ୍ୟପି ନୈତିକତାକୁ ଧାରଣ କରିଅଛନ୍ତି, ତାଙ୍କ ଉପସ୍ଥିତି ସମୟରେ ଅପେକ୍ଷାକୃତ ଅଧିକ ନୈତିକତା କ୍ରିୟାଶୀଳ ହୋଇଅଛି, ତଥାପି ସେମାନଙ୍କ ଦ୍ୱାରା ସଂସାରରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇ ନାହିଁ କିଂବା ସଂସାରର ଉନ୍ନତି ହୋଇ ନାହିଁ । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଏ ସମ୍ବନ୍ଧରେ ଆପଣଙ୍କ ମତାମତ କ'ଣ ?

ଉତ୍ତର : ଆପଣଙ୍କ କହିବା ଏକେବାରେ ଠିକ୍ । ବର୍ତ୍ତମାନ ପର୍ଯ୍ୟନ୍ତ ସଂସାରରେ ମନ ବା ମାନସ-ଚେତନାର ପ୍ରତିଷ୍ଠା ହୋଇଅଛି । ପୂର୍ବେ କୁହାହୋଇଅଛି ଯେ ମାନସ ସ୍ତରପର୍ଯ୍ୟନ୍ତ ଅଜ୍ଞାନ ଶକ୍ତିର ଶାସନ । ଏହି ସ୍ତର ପର୍ଯ୍ୟନ୍ତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ପ୍ରତିଷ୍ଠା ହୋଇପାରେ ନାହିଁ, ଜୀବନରେ ଅଧ୍ୟାତ୍ମ ସତ୍ୟ ଓ କର୍ମର ମିଳନ ହୁଏ ନାହିଁ, ଜୀବନର ପୂର୍ଣ୍ଣାଙ୍ଗ ବିକାଶ ହୁଏ ନାହିଁ । ଅଧ୍ୟାତ୍ମ ସତ୍ୟନିଷ୍ଠ ମହାପୁରୁଷମାନେ କେବଳ ଅଜ୍ଞାନଶକ୍ତିକୃତ ବିନାଶ ମୁଖରୁ

ପୃଥିବୀକୁ ରକ୍ଷାକରି ବିକାଶ ମାର୍ଗରେ ଅଗ୍ରସର କରାନ୍ତି । ଜୀବନର ପୂର୍ଣ୍ଣ ବିକାଶ ଓ ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହୁଏ ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେଲେ । ତେବେ ହୁଏ ଜୀବନର ସର୍ବାଙ୍ଗୀନ ବିକାଶ, ସମସ୍ତ କର୍ମ ହୁଏ ଅଧ୍ୟାତ୍ମ ସତ୍ୟର ଭିତ୍ତିରେ । ଏହାହିଁ ଜୀବନର ଲକ୍ଷ୍ୟ । ଏହି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ତାହା ସମ୍ଭବ ହେବାର ସମୟ ମଧ୍ୟ ଆସିଛି । ଶ୍ରୀମାଶ୍ରୀଅରବିନ୍ଦ ଅତିମାନସଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ବର୍ତ୍ତମାନ ମନୁଷ୍ୟ ଏହି ଶକ୍ତିକୁ ଯେପର୍ଯ୍ୟନ୍ତ ଗ୍ରହଣ ନ କରିବ ସେପର୍ଯ୍ୟନ୍ତ ଏହି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ ନାହିଁ କିଂବା ପରମାନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ ପ୍ରାପ୍ତ ହୋଇପାରିବ ନାହିଁ ।

ପ୍ରଶ୍ନ : ମନୁଷ୍ୟ ମଧ୍ୟରୁ ଦୁଃଖକଷ୍ଟ ପୂର୍ଣ୍ଣରୂପେ ଦୂରହେବ, ସେ ପରମାନନ୍ଦରେ ବାସ କରି, ପୂର୍ଣ୍ଣାଙ୍ଗ ବିକାଶ କରିପାରିବ,– ଏହା କ'ଣ ସମ୍ଭବ ?

ଉତ୍ତର : ଏହା ନିଶ୍ଚୟ ସମ୍ଭବ; ହେବାକୁ ବାଧ୍ୟ । ଯେପରି ଛୋଟ ବଟବୀଜ ମଧ୍ୟରେ ବିରାଟ ବଟବୃକ୍ଷ ସୂକ୍ଷ୍ମରୂପେ ବିଦ୍ୟମାନ ଥାଏ, ସେହିପରି ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ନିହିତ ଥାଏ; କେବଳ ସମୟ ଓ ସୁଯୋଗ ପାଇଲେ ତାହା ବିକଶିତ ହୁଏ । ନାରଦ, ଶୁକଦେବ, ସନତ୍‌କୁମାର, ବ୍ୟାସ, ବାଲ୍ମୀକି, ବୁଦ୍ଧଦେବ, ଆଚାର୍ଯ୍ୟ ଶଙ୍କର, ସମର୍ଥ ରାମଦାସ, ନାମଦେବ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଆଦି ମହାପୁରୁଷମାନେ ଅଧ୍ୟାତ୍ମ ସତ୍ୟ ଦ୍ୱାରା ନିଜ ଅନ୍ତର୍ନିହିତ ପରମାନନ୍ଦ, ପରମସୁଖ ପ୍ରାପ୍ତ କରିଥିଲେ । ତାଙ୍କ ଦୃଷ୍ଟିରେ ଥିଲା ଜାଗତିକ ସମସ୍ତ ବସ୍ତୁ ହେୟ । ସଂସାରର କର୍ମ ତ୍ୟାଗ କରିଥିବାରୁ ସେମାନଙ୍କ ଜୀବନର ସର୍ବାଙ୍ଗୀନ ବିକାଶ ହୋଇପାରି ନ ଥିଲା । ସର୍ବାଙ୍ଗୀନ ବିକାଶ ହୋଇଥିଲା ହନୁମାନଙ୍କର । ତାଙ୍କ ଜୀବନରେ ଅଧ୍ୟାତ୍ମ ସତ୍ୟ ସହିତ ମିଳନ ହୋଇଥିଲା କର୍ମର । କିନ୍ତୁ ସମୟ ଆସି ନ ଥିବାରୁ ତାହା ପୃଥିବୀରେ ପ୍ରତିଷ୍ଠିତ ହୋଇପାରି ନ ଥିଲା । ବର୍ତ୍ତମାନ ତାହାର ସମୟ ଆସିଛି । ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ବ୍ୟକ୍ତି ମାନସ-ଚେତନାର ସ୍ତରକୁ ଅତିକ୍ରମ କରି ଅତିମାନସ ଚେତନା-ସ୍ତରରେ ପ୍ରବେଶ କରିବାର ସମୟ ଆସିଛି । ବର୍ତ୍ତମାନ ବ୍ୟକ୍ତିକୁ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । ଯୁଗପରିବର୍ତ୍ତନ ହେବାର ସୂଚନା ଶ୍ରୀମା ତାଙ୍କର ଏହି ୧୯୬୭ ସାଲର ବାଣୀରେ କହିଅଛନ୍ତି :

"Men, Countries, Continents !
The choice is imperative :
Truth or the abyss."

ଅର୍ଥାତ୍ :

''ମନୁଷ୍ୟ, ଦେଶ, ମହାଦେଶସକଳ !
ବାଛି ନିଅ – ଅନ୍ୟ ପନ୍ଥା ନାହିଁ –
ସତ୍ୟ ଅଥବା ରସାତଳ ।''

ସଂସାର ଧ୍ୱଂସ ହେବ ନାହିଁ । ଶ୍ରୀମା ଅତିମାନସ ଶକ୍ତିକୁ ଏହି ପୃଥିବୀ ପୃଷ୍ଠରେ ଉତାରି ଆଣିଛନ୍ତି । ସେହି ଶକ୍ତି ଚେତନାର ରୂପାନ୍ତର-କ୍ରିୟା କରୁଅଛି । ବ୍ୟକ୍ତି ଯଦି ଜୀବନର ଯଥାର୍ଥ ଲକ୍ଷ୍ୟ ସ୍ୱେଚ୍ଛାରେ ଗ୍ରହଣ ନ କରେ, ତେବେ ଭୟଙ୍କର ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱମୟ ପରିସ୍ଥିତି ତାକୁ ଏହା ଗ୍ରହଣ କରିବାକୁ ବାଧ୍ୟ କରିବ ।

ପ୍ରଶ୍ନ : ଆପଣ କହିଲେ ଯେ ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶରେ ମନୁଷ୍ୟ ପୂର୍ଣ୍ଣତା ପ୍ରାପ୍ତ ହୁଏ । ତେବେ ତା'ର ସକଳ ସମସ୍ୟାର ହୁଏ ସମାଧାନ ଅର୍ଥାତ୍ ଦୁଃଖକଷ୍ଟରୁ ମୁକ୍ତି । ପୁନଶ୍ଚ କହିଲେ ଯେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣରୂପେ ଅଜ୍ଞାନତାରୁ ମୁକ୍ତ ହୁଏ, ତା'ର ପୂର୍ଣ୍ଣତା ପ୍ରାପ୍ତି ହୁଏ । ଅନ୍ୟ ପ୍ରସଙ୍ଗରେ କହିଲେ ଯେ ମନୁଷ୍ୟ ମଧ୍ୟରେ ଅପ୍ରକାଶିତ ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହେଲେ ବ୍ୟକ୍ତି ହୁଏ ଅତିମାନବ, ଏହାହିଁ ମନୁଷ୍ୟର ଲକ୍ଷ୍ୟ । ତେବେ ଆତ୍ମାର ବିକାଶରେ ମନୁଷ୍ୟକୁ ପୂର୍ଣ୍ଣତା ପ୍ରାପ୍ତ ହୁଏ ନା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରକ୍ରିୟା ହେବା ଫଳରେ ଅଥବା ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶିତ ହେବାରେ ?

ଉତ୍ତର : ମନ-ପ୍ରାଣ-ଶରୀର ତଥା ଆତ୍ମାର ବିକାଶ, ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର, ବିଜ୍ଞାନ ଏବଂ ଆନନ୍ଦମୟ କୋଷର ପ୍ରକାଶ — ଏହିସବୁ ଜୀବନ ପୂର୍ଣ୍ଣତାର ଗୋଟିଏ ଗୋଟିଏ ଭାଗ । ଏହିସବୁ କ୍ରିୟା ଏକ ସଙ୍ଗେ ହୁଏ । ମନ-ପ୍ରାଣ ଓ ଶରୀରର ଯଥାର୍ଥ ବିକାଶ ହୁଏ ଯେବେ ଅଜ୍ଞାନ ତଥା ଅନ୍ଧକାର ଶକ୍ତିର ସୀମିତତା, ପ୍ରକୃତିର ଅଧୀନତା ଏବଂ ରୋଗ, ଜରା, ମୃତ୍ୟୁର ଅଧୀନରୁ ପୂର୍ଣ୍ଣରୂପେ ସେସବୁ ମୁକ୍ତ ହୁଅନ୍ତି । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରସାଧନ ହେବା ଫଳରେ । ତେବେହିଁ ଅନ୍ତରାତ୍ମା ଅଥବା ଭଗବାନଙ୍କ ସହ ଏକତ୍ୱ ପ୍ରାପ୍ତ ହୁଏ । ଏହି ଅବସ୍ଥାକୁ ଯଥାର୍ଥ ବିକାଶ ବା ପୂର୍ଣ୍ଣତା କୁହାଯାଏ । ଏହି ଅବସ୍ଥାରେହିଁ ବିଜ୍ଞାନ ଏବଂ ଆନନ୍ଦମୟ କୋଷ ପ୍ରକାଶ ହୁଏ । ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ଏବଂ ଯଥାର୍ଥ ବିକାଶରେ କୌଣସି ବିରୋଧ ନାହିଁ, ଏକହି ଅବସ୍ଥାର ଦୁଇଟି ନାମ ।

ପ୍ରଶ୍ନ : ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀରର ରୂପାନ୍ତର, ବିଜ୍ଞାନ ଓ ଆନନ୍ଦମୟ କୋଷର ପ୍ରକାଶ ଏବଂ ଅନ୍ତରାତ୍ମାର ଉଦ୍‌ଘାଟନ — ଏହିସବୁ ଭିନ୍ନ ଭିନ୍ନ ଶବ୍ଦ ଜୀବନର ପୂର୍ଣ୍ଣତା ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ବ୍ୟବହୃତ ହୋଇଅଛି । ଏସବୁ ମଧ୍ୟରେ କିପରି ସାମଞ୍ଜସ୍ୟ ରହିଛି, ତାହା ସ୍ପଷ୍ଟରୂପେ ବୁଝାଇ ଦିଅନ୍ତୁ ।

ଉତ୍ତର : ଆତ୍ମା, ଅତିମାନସ ଶକ୍ତି, ବିଜ୍ଞାନ ଓ ଆନନ୍ଦମୟ କୋଷ ବାସ୍ତବରେ ଏକହିଁ ଭଗବତ୍ ତତ୍ତ୍ୱ । କାର୍ଯ୍ୟ କରିବା ସକାଶେ ସ୍ୱୟଂ ଭଗବାନ୍ ଭିନ୍ନ ଭିନ୍ନ ରୂପେ ପ୍ରକଟ ହୋଇଅଛନ୍ତି ଏବଂ ଭିନ୍ନ ଭିନ୍ନ କାର୍ଯ୍ୟ କରୁଅଛନ୍ତି ।

ଅନ୍ତରାତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବାନଙ୍କ ସ୍ୱରୂପ । ଏହି ଅନ୍ତରାତ୍ମା ନିବାସ କରେ ମନୁଷ୍ୟ-ହୃଦୟର ଗଭୀରରେ, ଧାରଣ କରିଥାଏ ମନ-ପ୍ରାଣ-ଶରୀରକୁ । ମନ, ପ୍ରାଣ, ଶରୀର ବିକୃତ ଏବଂ ମୋହମାୟା-ଅଜ୍ଞାନଗ୍ରସ୍ତ । ଅନ୍ତରାତ୍ମା ଏସବୁରୁ ମୁକ୍ତ, ତା'ର ଦିବ୍ୟ ସ୍ୱରୂପରେ ସ୍ଥିତ ଏବଂ ଭଗବାନଙ୍କ ସହିତ ତା'ର ଥାଏ ସର୍ବଥା ଏକତ୍ୱ । ଏହି ଅନ୍ତରାତ୍ମା ଅବିକୃତ ଥିବାରୁ ବିକୃତ ମନ-ପ୍ରାଣ-ଶରୀରକୁ ଧାରଣ କରି ପ୍ରକୃତି ଦ୍ୱାରା କ୍ରମ-ବିକାଶରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଦିଗରେ ଗତି କରୁଥାଏ । ଜଡ଼, ବୃକ୍ଷଲତା ଓ ପଶୁପକ୍ଷୀମାନଙ୍କ ମଧ୍ୟରେ ଏହି ଅନ୍ତରାତ୍ମା ଥାଏ ପ୍ରଭାବ ରୂପେ, କେବଳ ମନୁଷ୍ୟ ଶରୀରରେହିଁ ଆକୃତି ଗ୍ରହଣ କରି ବିକଶିତ ହେଉଥାଏ ।

## ବ୍ୟକ୍ତିଗତ ଜୀବନରେ ଉନ୍ନତି :

ପ୍ରଶ୍ନ : ଏଥିରୁ ସ୍ପଷ୍ଟ ବୁଝାଗଲା ଯେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ ନ କଲେ ବ୍ୟକ୍ତିର ସର୍ବାଙ୍ଗୀନ କର୍ମର ବିକାଶ ହୁଏ ନାହିଁ କିଂବା ସେ ସୁଖଶାନ୍ତି ପ୍ରାପ୍ତ କରିପାରେ ନାହିଁ । ଏହି ପୂର୍ଣ୍ଣାଙ୍ଗ ବିକାଶ ବିନା ବ୍ୟକ୍ତି ନିଜର ତଥା ଅନ୍ୟର ଯଥାର୍ଥ ହିତ କରିପାରେ ନାହିଁ । ଛାତ୍ରମାନଙ୍କର କର୍ତ୍ତବ୍ୟ ହେଲା ପାଠପଢ଼ିବା । ସେମାନେ ଯଦି ଜୀବନର ଲକ୍ଷ୍ୟପ୍ରାପ୍ତି ସକାଶେ ପ୍ରଯତ୍ନ ନ କରନ୍ତି ତେବେ ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ । ତେବେ ଲକ୍ଷ୍ୟ ଗ୍ରହଣ କରିବା ଦ୍ୱାରା ସେମାନଙ୍କ ଜୀବନର ଉନ୍ନତି ହେବ କିପରି ?

ଉତ୍ତର : ଅଧିକାଂଶ ପିଲାଙ୍କର ପରୀକ୍ଷାରେ ଅକୃତକାର୍ଯ୍ୟ ହେବାର ପ୍ରଧାନ କାରଣ ହେଉଛି : ଜୀବନର ଲକ୍ଷ୍ୟ ଗ୍ରହଣ ନ କରିବା । ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ ଜୀବନର କୌଣସି ବିକାଶମୂଳକ କର୍ମରେ ବାଧା ଦିଏ ନାହିଁ, ଏହା ସମସ୍ତ କର୍ମକୁ ପୋଷଣ କରେ ତଥା ସମୃଦ୍ଧ କରିତୋଳେ । ତାହାରି ଆଶ୍ରୟରେହିଁ ବ୍ୟକ୍ତି ତା'ର ଜୀବନରେ ଉନ୍ନତିର ସମସ୍ତ ବାଧକ କର୍ମକୁ ବର୍ଜନ କରିପାରେ ।

ପ୍ରଶ୍ନ : ସ୍ପଷ୍ଟଭାବେ ବୁଝାଇ ଦିଅନ୍ତୁ ଯେ ଜୀବନର ଲକ୍ଷ୍ୟ କ'ଣ ?

ଉତ୍ତର : ସକଳ ବ୍ୟକ୍ତି ଯାହା ଚାହାନ୍ତି, ତାହାହିଁ ଜୀବନର ଲକ୍ଷ୍ୟ । ପୂର୍ବେ କୁହାଯାଇଛି ଯେ ସଂସାରର ସମସ୍ତ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମ ଶାନ୍ତି । ଏହାର ଅନ୍ତର୍ଗତ ରୋଗ-ଜରା-ମୃତ୍ୟୁରୁ ମୁକ୍ତ ଦିବ୍ୟ ଶରୀର । ଦୁଃଖ, ଅଶାନ୍ତି, ରୋଗ, ଜରା, ମୃତ୍ୟୁ ପ୍ରଭୃତିକୁ ବ୍ୟକ୍ତି ବାଧ୍ୟ ହୋଇ ଭୋଗ କରୁଥାଏ କିନ୍ତୁ ପ୍ରକୃତରେ ଚାହୁଁ ନ ଥାଏ । ଚାହୁଁଥାଏ ଏହାର ବିପରୀତ ଅମୃତତ୍ୱ । ସକଳ ବ୍ୟକ୍ତି ଯେଉଁ ବସ୍ତୁକୁ ଚାହାନ୍ତି ତାହା ସତ୍ୟ ଏବଂ ଶାଶ୍ୱତ ତଥା ତାହାର

ପ୍ରାପ୍ତି ଅନିବାର୍ଯ୍ୟ । ଏହାର ପ୍ରାପ୍ତି ଅବଶ୍ୟମ୍ଭାବୀ ନ ଥିଲେ ଏହାକୁ ଅଜ୍ଞାତରେ ଏବଂ ଅସ୍ପଷ୍ଟଭାବେ ସମସ୍ତ ବ୍ୟକ୍ତି ଚାହୁଁ ନ ଥା'ନ୍ତେ । ଏସବୁ ଭଗବାନଙ୍କ ଦିବ୍ୟଗୁଣ । ବ୍ୟକ୍ତି ଭଗବାନଙ୍କ ସହ ଏକତ୍ୱ ପ୍ରାପ୍ତ ହେଲେ ଏହା ସିଦ୍ଧ ହୁଏ । ଏହାହିଁ ଜୀବନର ଲକ୍ଷ୍ୟ ।

ପ୍ରଶ୍ନ : ପ୍ରଥମେ କହନ୍ତୁ ଯେ ଜୀବନର ଲକ୍ଷ୍ୟ ଗ୍ରହଣ ଜୀବନର ଉନ୍ନତିରେ ସାହାଯ୍ୟ କରେ କିପରି ଏବଂ ଜୀବନର ଉନ୍ନତିରେ ବାଧା କ'ଣ ?

ଉତ୍ତର : ଜୀବନରେ ଉନ୍ନତିର ପ୍ରଧାନ ଓ ପ୍ରଥମ ବାଧା ହେଲା କ୍ଷୁଦ୍ର ସ୍ୱାର୍ଥ ଏବଂ ଅହଂମୂଳକ ଗତିବୃତ୍ତି । ଜୀବନର ମହାନ୍ ଓ ବିଶାଳ ଲକ୍ଷ୍ୟ ଗ୍ରହଣ କରିବା ଦ୍ୱାରା କ୍ଷୁଦ୍ର ସ୍ୱାର୍ଥ ଦୂର ହୁଏ ଏବଂ କର୍ମରେ ପ୍ରବୃତ୍ତି, ଉତ୍ସାହ ତଥା ଶକ୍ତି ପ୍ରାପ୍ତ ହୁଏ ।

ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପରମାନନ୍ଦ, ପରମ ଜ୍ଞାନ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ, ନ ଜାଣିବା ପର୍ଯ୍ୟନ୍ତ ତାହାର ଚେତନା ପୂର୍ଣ୍ଣରୂପେ ଅଜ୍ଞାନ-ଆବରଣରେ ଥାଏ । ମୋହବଶତଃ ସେ ଜୀବନର ଉନ୍ନତିରେ ବାଧକ ବସ୍ତୁକୁ ଗ୍ରହଣ କରେ । ବାଲ୍ୟାବସ୍ଥାରେ ଜୀବନର କୌଣସି ଲକ୍ଷ୍ୟ ନ ଥାଏ । କେବଳ ଖେଳିବା ଓ ବୁଲିବାହିଁ ସେତେବେଳେ ଭଲଲାଗେ । ପିତାମାତା ଯଦି ତାହାର ପଢ଼ିବା ଜୀବନର ଆଂଶିକ ଲକ୍ଷ୍ୟ ବୋଲି ବୁଝାଇ ନ ଦିଅନ୍ତି, ସେଥିରେ ସେ ପ୍ରବୃତ୍ତ ହେବା ନିମିତ୍ତ ପ୍ରଯତ୍ନ ନ କରନ୍ତି ତେବେ ସେ ବିଦ୍ୟାଧ୍ୟୟନ କରିପାରେ ନାହିଁ, ଖେଳିବୁଲି ସମୟ ନଷ୍ଟ କରେ ।

ବାଲ୍ୟାବସ୍ଥାରୁ ଛାତ୍ର ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ସମସ୍ତ ରୂପାନ୍ତରିତ ସତ୍ତାରେ ପରମାନନ୍ଦ, ପରମ ଶାନ୍ତି ସ୍ୱରୂପ ଭଗବତ୍ ପ୍ରାପ୍ତି ବୋଲି ଗ୍ରହଣ କଲେ, ଅନ୍ତରାତ୍ମା ସମ୍ବନ୍ଧେ ସଚେତ ହୁଏ । ତାହା ଫଳରେ ତା' ମଧ୍ୟରେ ସୁପ୍ତ ଥିବା ବିବେକ ଉତ୍ପନ୍ନ ହେବାକୁ ଆରମ୍ଭ କରେ । ସେ ପିତାମାତା, ଗୁରୁଜନଙ୍କ ହିତୋପଦେଶ ପାଳନ କରେ, ଜ୍ଞାନାର୍ଜନ ଉଦ୍ଦେଶ୍ୟରେ ପଢ଼େ; ଶରୀରକୁ ସୁସ୍ଥସବଳ, ସୁନ୍ଦର, ନୀରୋଗ କରିବା ସକାଶେ ନିୟମିତରୂପେ ବ୍ୟାୟାମ କରେ, ନିୟମିତ ଭୋଜନ, ନିୟମିତ ବିଶ୍ରାମ କରେ । ମନ-ପ୍ରାଣ-ଶରୀରର ସାରାତିସାର ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝିପାରେ ଏବଂ ତାହା ପ୍ରାଣପଣେ ପାଳନ କରେ; ସ୍ୱାସ୍ଥ୍ୟ ଏବଂ ବ୍ରହ୍ମଚର୍ଯ୍ୟରକ୍ଷାର ପ୍ରତିକୂଳ ଅଶ୍ଳୀଳ ସିନେମା ଦେଖିବା, ଅଶ୍ଳୀଳ ଗଳ୍ପ ପଢ଼ିବା ବା ଶୁଣିବା ତଥା ଦୁଶ୍ଚରିତ୍ର ବାଳକବାଳିକାମାନଙ୍କ ସଙ୍ଗ ତ୍ୟାଗ କରେ; ବିଡ଼ି, ସିଗାରେଟ, ଗଞ୍ଜେଇ, ଅଫିମ, ମଦ୍ୟପାନ ସର୍ବଥା ବର୍ଜନ କରେ । ଲକ୍ଷ୍ୟପ୍ରାପ୍ତି ସକାଶେ ନିୟମିତରୂପେ କିଛି ସମୟ ହୃଦୟରେ ଧ୍ୟାନ କରେ । ବୃତ୍ତି ଏକାଗ୍ର ହେବାରୁ ଉତ୍ତମରୂପେ ପଢ଼ିପାରେ, ଗଭୀର ଚିନ୍ତା କରିପାରେ, ପଢ଼ିବାରେ ଫାଙ୍କି ଦେଇ କଳକୌଶଳରେ ପାସ୍ କରିବା ମନୋବୃତ୍ତିକୁ ପ୍ରଶ୍ରୟ ଦିଏ ନାହିଁ । ଯୋଗ୍ୟତା ଅର୍ଜନ କରିବା ଉଦ୍ଦେଶ୍ୟରେ ପଢ଼େ, ରାଜନୀତିର ନେତାଙ୍କ ଯନ୍ତ୍ର ହୁଏ ନାହିଁ; ସମୟ ନଷ୍ଟ ଏବଂ ମନପ୍ରାଣରେ ଉଦ୍‌ବେଗ ସୃଷ୍ଟି କରେ ନାହିଁ । ସଂଯତ ଜୀବନଯାପନ କରିବା ଯୋଗୁଁ ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ପୂର୍ଣ୍ଣ ହୋଇଯାଏ । ଏହି ରୂପ ସଦ୍‌ଗୁଣପ୍ରାପ୍ତ ଛାତ୍ର, ଶିକ୍ଷକ, ପିତାମାତା ତଥା ପରିବାରର ଅନ୍ୟାନ୍ୟ ବ୍ୟକ୍ତିଙ୍କର ଆଦରର ପାତ୍ର ହୁଏ । ତା' କଥାରେ ସମସ୍ତ ବ୍ୟକ୍ତି ବିଶ୍ୱାସ କରନ୍ତି ।

ଲକ୍ଷ୍ୟ ଗ୍ରହଣ କରିଥିବା ଏହିପରି ସଦ୍‌ଗୁଣଯୁକ୍ତ ଛାତ୍ରର ଜୀବନରେ କର୍ମ ସହିତ ସତ୍ୟ, ନ୍ୟାୟ ଏବଂ ବିବେକର ସଂଯୋଗ ହୁଏ । ତା' ଅନ୍ତରରେ ପ୍ରତିଷ୍ଠା ହେବାକୁ ଆରମ୍ଭ କରିଥାଏ ଶାନ୍ତି, ସମତା, ଆନନ୍ଦ, ସତ୍ୟ ଏବଂ ଭଗବତ୍ ବିଶ୍ୱାସ । ଏହିପରି ଛାତ୍ର ଚାକିରି କଲେ ତା'ର ସମସ୍ତ କର୍ମ ଉତ୍ତମରୂପେ ଆଚରିତ ହୁଏ ସତ୍ୟ ଏବଂ ନ୍ୟାୟରେ । ବ୍ୟକ୍ତିଗତ ସ୍ୱାର୍ଥ ସ୍ଥାନକୁ ଅଧିକାର କରେ ଭଗବତ୍ ସେବାଭାବ । ସେ ସମସ୍ତ କର୍ମ କରେ ଲକ୍ଷ୍ୟପ୍ରାପ୍ତିର ଉଦ୍ଦେଶ୍ୟରେ ଭଗବତ୍ ସେବାରୂପେ । ସମସ୍ତ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ ଆଚରଣ କରୁଥିବାରୁ ଏବଂ ଛାତ୍ର ଜୀବନରୁ ସଂଯତ ଜୀବନଯାପନ କରୁଥିବା ଯୋଗୁଁ ଉପାର୍ଜନ ଅପେକ୍ଷା ଅଧିକ ଖର୍ଚ୍ଚର ଆବଶ୍ୟକ ନ ଥାଏ ଏବଂ ନ୍ୟାୟପରାୟଣତା ସ୍ୱଭାବରେ ପରିଣତ ହୋଇଥିବାରୁ ଅନ୍ୟର ଅନିଷ୍ଟ କରେ ନାହିଁ କିଂବା ରିସ୍‌ପତ ନିଏ ନାହିଁ, କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି କରେ ନାହିଁ । ବ୍ୟବସାୟ କଲେ ଅନ୍ୟକୁ ତଥା ସରକାରଙ୍କୁ ଠକେ ନାହିଁ; ରାଜନୀତିରେ ପ୍ରବେଶ କଲେ ନିଜ ଅନ୍ତରରେ ବିବେକ ଏବଂ ଶାନ୍ତି-ସମତା ପ୍ରତିଷ୍ଠିତ ହୋଇଥିବାରୁ ଜଟିଳ ସମସ୍ୟା ସହଜରେ ସମାଧାନ କରେ, ସକଳ

ଅବିହିତ କାର୍ଯ୍ୟ ତ୍ୟାଗ କରି ବିହିତ କାର୍ଯ୍ୟ କରେ । ଲକ୍ଷ୍ୟ ଗ୍ରହଣ କରିଥିବାରୁ ତା'ର ଆତ୍ମା ଜାଗ୍ରତ ହୋଇଥାଏ ଏବଂ ଭଗବତ୍ ବିଶ୍ୱାସ ଉତ୍ପନ୍ନ ହୋଇ ସାରିଥାଏ । ଭଗବାନଙ୍କ ଉପରେ ନିର୍ଭରତା ରଖିବା ଯୋଗୁଁ ସେ ନିର୍ଭୀକ ଏବଂ ନିର୍ଦ୍ୱନ୍ଦ୍ୱ ରହେ ଏବଂ ଆବଶ୍ୟକ ଅନୁସାରେ ତା' ଅନ୍ତରସ୍ଥ ସୁପ୍ତ ଶକ୍ତି ଜାଗ୍ରତ ହୁଏ । ଏହିପରି ବ୍ୟକ୍ତିର ଜୀବନରେ ହୁଏ ଅଧ୍ୟାତ୍ମ ସତ୍ୟ ଏବଂ କର୍ମର ମିଳନ ଅର୍ଥାତ୍ ତା'ର ସମସ୍ତ କର୍ମ ହୁଏ ଅଧ୍ୟାତ୍ମ ସତ୍ୟର ଭିତ୍ତିରେ । ଜୀବନର ହୁଏ ପୂର୍ଣ୍ଣ ବିକାଶ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ହୁଏ ଯଥାର୍ଥରେ ଦେଶସେବା ଏବଂ ଦେଶର ଉନ୍ନତି । ଏହି ଲକ୍ଷ୍ୟ ବ୍ୟକ୍ତି ଗ୍ରହଣ ନ କଲେ ଜୀବନର ସମସ୍ୟା ସମାଧାନ ନ ହୋଇ ଜଟିଳ ହୁଏ ଏବଂ ପ୍ରତିକୂଳ ଆଚରଣ ଦ୍ୱାରା ଜୀବନର ଅବନତି ବା ପତନ ହୁଏ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ନିଜର ଏବଂ ଦେଶର ହିତ ସାଧନ ହୁଏ ନାହିଁ ।

ଏହି ସର୍ବାଙ୍ଗୀନ ପୂର୍ଣ୍ଣ ଏବଂ ସୁନ୍ଦର ଜୀବନ ପ୍ରାପ୍ତ ହୁଏ, ବ୍ୟକ୍ତି ମୃତ୍ୟୁ, ରୋଗ, ଜରା, ଅଜ୍ଞାନରୁ ମୁକ୍ତ ହୁଏ, ପରମାନନ୍ଦ ଓ ପରମ ଶାନ୍ତି ସ୍ୱରୂପ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗ ଗ୍ରହଣରେ । ଆସନ୍ନ ନୂତନ ଯୁଗର ଏହାହିଁ ଧର୍ମ । ପ୍ରତ୍ୟେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଉଚିତ । ଏଥିରେହିଁ ରହିଛି ଜୀବନ ଏବଂ ଜଗତର ସକଳ ସମସ୍ୟାର ସମାଧାନ ।

## ଜୀବନର ଉନ୍ନତିରେ ତ୍ରିବିଧ କର୍ମ

ଏହି ଜଗତ୍ କର୍ମ-କ୍ଷେତ୍ର । କର୍ମରୁ ନିବୃତ୍ତ ହେବାର ଉପାୟ ନାହିଁ । ବସିରହିଲେ ମଧ୍ୟ ସ୍ଥୂଳ ଇନ୍ଦ୍ରିୟ ନେତ୍ର ଓ ଶ୍ରବଣରେ ଦେଖିବା ଏବଂ ଶୁଣିବା କ୍ରିୟା ହୁଏ, ହସ୍ତପଦାଦି ପରିଚାଳିତ ହେଉଥାଏ, ନିଦ୍ରାବସ୍ଥାରେ ବ୍ୟକ୍ତି ସ୍ୱପ୍ନରାଜ୍ୟରେ ବିଚରଣ କରେ । ଶ୍ୱାସପ୍ରଶ୍ୱାସ ନେବା, ମନରେ ସ୍ୱତଃସ୍ଫୂର୍ତ୍ତଭାବେ ବିଚାର ଆସିବାହିଁ କର୍ମ । ଯୋଗସାଧନା ଦ୍ୱାରା ନିଶ୍ଚଳ ଆସନରେ ବସି ଶ୍ୱାସ-ପ୍ରଶ୍ୱାସ ରୋଧ କରି ସମାଧିସ୍ଥ ହେଲେ ବି କର୍ମରୁ ପରିତ୍ରାଣ ମିଳେ ନାହିଁ ।

''ନ ହି କଶ୍ଚିତ୍ କ୍ଷଣମପି ଜାତୁ
ତିଷ୍ଠତ୍ୟକର୍ମକୃତ୍ ।
କାର୍ୟତେ ହ୍ୟବଶଃ କର୍ମ ସର୍ବଃ
ପ୍ରକୃତିଜୈର୍ଗୁଣୈଃ ॥'' (ଗୀତା, ଅଧ୍ୟାୟ ୩, ଶ୍ଳୋକ ୫)

ଜୀବିତ ଥିବା ପର୍ଯ୍ୟନ୍ତ ମନୁଷ୍ୟ କର୍ମ ତ୍ୟାଗ କରିବାରେ କୌଣସିମତେ ସମର୍ଥ ନୁହେଁ, ଏହାହିଁ ସୃଷ୍ଟିର ବିଧାନ । କର୍ମ ଦ୍ୱାରା ପୃଥିବୀରେ ଦିବ୍ୟ-ମାନବଜାତି ତଥା ଏହି ମୃତ୍ୟୁପୁରୀରେ ଦିବ୍ୟ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ ହେବା ସକାଶେ ଭଗବାନ୍ ସ୍ୱୟଂ ଏକରୁ ବହୁରୂପେ ସୃଷ୍ଟି ହୋଇଅଛନ୍ତି ।

ଭାଗବତ କର୍ମ ଦ୍ୱାରା ବ୍ୟକ୍ତି ଦେବତାଙ୍କୁ ଅତିକ୍ରମ କରି ଦେବ-ଦୁର୍ଲଭ ପରମପଦ, ମୁକ୍ତି, ନିର୍ବାଣ ଏବଂ ଭଗବତ୍ ପ୍ରାପ୍ତି କରିପାରେ କିଂବା ନିଜକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରି ଅତିମାନସ ଶକ୍ତି ଦ୍ୱାରା ନିଜ ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ରୋଗ-ଜରା-ମୃତ୍ୟୁ, ଅଜ୍ଞାନ-ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣମୁକ୍ତ ହୋଇ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ସ୍ଥାପନ କରିପାରେ; ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ ଏବଂ ପରମଜ୍ଞାନ, ପରମାନନ୍ଦରେ ନିବାସ କରେ । ଅଥବା ବ୍ୟକ୍ତି ମୋହମାୟା, ଅଜ୍ଞାନର ବଶୀଭୂତ ହୋଇ ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟପ୍ରାପ୍ତିର ଉପାୟ ନ ଜାଣି ପ୍ରମାଦବଶତଃ ସ୍ୱାର୍ଥ, ଅହଂ, ଇନ୍ଦ୍ରିୟ-ବାସନାତୃପ୍ତି ସକାଶେ କର୍ମକରେ, ଜୀବିତ ଅବସ୍ଥାରେ ଦୁଃଖକଷ୍ଟ, ରୋଗ-ଯନ୍ତ୍ରଣା ଭୋଗେ, ବାରଂବାର ଜନ୍ମ-ମରଣରୂପ ମହାନ୍ ଦୁଃଖ ଚକ୍ରରେ ଭ୍ରମୁଥାଏ । ଶବର ଗଜମୁକ୍ତାର ମୂଲ୍ୟ ଓ ମହତ୍ତ୍ୱ ନ ଜାଣି ସେରେ ଶାଗକୁ ବିକ୍ରି କରିବା ସଦୃଶ ବ୍ୟକ୍ତି ଦେବଦୁର୍ଲଭ ମନୁଷ୍ୟ-ଶରୀର ଲାଭ କରି ବିଷୟ ଭୋଗରେ ନଷ୍ଟ କରିଦିଏ । ଏହାହିଁ ମନୁଷ୍ୟର ଅଜ୍ଞାନତା ।

## ଉତ୍ତମ କର୍ମର ଭିତ୍ତି : ଲକ୍ଷ୍ୟ-ଜ୍ଞାନ

ବ୍ୟକ୍ତି ଉତ୍ତମ କର୍ମ କରିପାରେ ନିଜ ଜୀବନର ଲକ୍ଷ୍ୟ ଜାଣିଲେ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି ? କ'ଣ ଚାହୁଁଛି ?— ଏହି ପ୍ରଶ୍ନ ଯଦି କରେ, ତେବେ ଉତ୍ତର ପାଏ ।

ଏହି ଉଭୟ ପ୍ରଶ୍ନର ଉତ୍ତର ହେଲା — ବ୍ୟକ୍ତି ଚାହେଁ ପରମ ସୁଖ । ଏହାକୁ ପ୍ରାପ୍ତ ହେବା ସକାଶେ ସେ ଏହି ପୃଥିବୀକୁ ଆସିଛି । ଭଗବାନଙ୍କର ସୃଷ୍ଟି କରିବାର ଏହାହିଁ ଉଦ୍ଦେଶ୍ୟ । ଏହି ସକାଶେ ଭଗବାନ୍ 'ଏକ'ରୁ 'ବହୁ' ରୂପେ ପ୍ରକଟ ହୋଇଅଛନ୍ତି । ଶିଶୁରୁ ବୃଦ୍ଧ, ଚୋରରୁ ସାଧୁ, ଦରିଦ୍ରରୁ ଧନୀ, ମହାନ୍ ଐଶ୍ୱର୍ଯ୍ୟଶାଳୀ ପର୍ଯ୍ୟନ୍ତ — ସମସ୍ତ ଶ୍ରେଣୀର ବ୍ୟକ୍ତି ଚାହାନ୍ତି ଦୁଃଖ-ତାପ-ବିହୀନ ପରମ ସୁଖ ଓ ପରମ ଶାନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ବିଦ୍ୟା, ଧନ, ମାନ, ଯଶଃ, ମର୍ଯ୍ୟାଦା, ଐଶ୍ୱର୍ଯ୍ୟ, ଅଧିକାର, ପାରିବାରିକ ମୋହମାୟାଗ୍ରସ୍ତ ସମ୍ବନ୍ଧ ବା ଇନ୍ଦ୍ରିୟ ଭୋଗ-ବିଳାସରେ ପ୍ରାପ୍ତ ହୁଏ ନାହିଁ । ପ୍ରାପ୍ତ ହୁଏ ଭଗବତ୍ ଉପଲବ୍ଧିରେ । ଭଗବାନ୍ ହେଉଛନ୍ତି ଦିବ୍ୟ-ଆନନ୍ଦ, ପରମ-ଜ୍ଞାନ, ପରମ-ଶକ୍ତିର ଉଦ୍‌ଗମସ୍ଥଳ ବା ମୂର୍ତ୍ତିମାନ ବିଗ୍ରହ । ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେଲେ କିଂବା ସମସ୍ତ ସତ୍ତାରେ ଭଗବତ୍ ଉପଲବ୍ଧି କରିପାରିଲେ ତା' ଚାହିଁବା ପୂର୍ଣ୍ଣ ହୁଏ । ଏହାକୁହିଁ ସମସ୍ତ ବ୍ୟକ୍ତି ଜ୍ଞାତରେ ବା ଅଜ୍ଞାତରେ ଚାହୁଁଅଛନ୍ତି । ନିର୍ବିବାଦରୂପେ ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଲକ୍ଷ୍ୟ । ମନୁଷ୍ୟ ଏହି ଲକ୍ଷ୍ୟ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ଉପାୟରେ ଦୁଃଖକଷ୍ଟରୁ ମୁକ୍ତ ହୋଇପାରେ ନାହିଁ କିଂବା ଜନ୍ମ-ମରଣରୁ ନିବୃତ୍ତ ହୁଏ ନାହିଁ । ଏହି ଲକ୍ଷ୍ୟ-ଜ୍ଞାନ ଛଡ଼ା କୌଣସି ବ୍ୟକ୍ତି କୌଣସି ପ୍ରକାର ଜାଗତିକ କର୍ମ ଦ୍ୱାରା ନିଜର, ପରିବାରର, ଦେଶର, ଜାତିର ବା ସମସ୍ତ ସଂସାରର ଯଥାର୍ଥ ହିତ ସାଧନ କରିପାରେ ନାହିଁ । କର୍ମ ଦ୍ୱାରାହିଁ ବ୍ୟକ୍ତି ବନ୍ଧନରେ ପଡ଼େ, ସେହି କର୍ମ ଭଗବତ୍ ଉଦ୍ଦେଶ୍ୟରେ ଭଗବାନଙ୍କୁ ସମର୍ପିତ ହେଲେ ତାହାରି ଦ୍ୱାରା ଜନ୍ମ-ମରଣରୁ ମୁକ୍ତ ହୋଇ ନିର୍ବାଣ ବା ଭଗବତ୍ ପ୍ରାପ୍ତି କରିପାରେ । ଅଥବା ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତି କରିପାରେ ।

ମନ, ପ୍ରାଣ, ଶରୀର ତଥା ଆତ୍ମା — ଏହି ଚାରିସତ୍ତାର ସଂଯୋଗରେ ମାନବଜୀବନ ଗଠିତ । ଏହି ଚାରିସତ୍ତା ମଧ୍ୟରେ ନିହିତ ବା ସୁପ୍ତ ଅଛି ଅସାଧାରଣ ଶକ୍ତି । ଏହିସବୁ ସତ୍ତାର ହେଉଛି ଭିନ୍ନ ଭିନ୍ନ କର୍ମ । ଏହି ଚାରିଟି ସତ୍ତାର ବିକାଶ ଏବଂ କର୍ମରେ ମନୁଷ୍ୟର ହୁଏ ପୂର୍ଣ୍ଣତା । ଏହାରି ମଧ୍ୟରୁ ଗୋଟିକୁ ବାଦ୍ ଦେଲେ ମନୁଷ୍ୟ ଜୀବନ ହୁଏ ଅପୂର୍ଣ୍ଣ ଏବଂ ଅଙ୍ଗହୀନ ବିକଳାଙ୍ଗ ।

ଶରୀରରେ କର୍ମ-ସମ୍ପାଦନ ହୁଏ । କିନ୍ତୁ କର୍ମ କରିବା ଶକ୍ତି ତା'ର ନ ଥାଏ, ସେ ଶକ୍ତି ପ୍ରାଣର । ପ୍ରାଣରେ କର୍ମ-ସଂପାଦନର ପ୍ରଣାଳୀ ବା କୌଶଳ ନ ଥାଏ, ତାହା ମନ-ବୁଦ୍ଧିର । ମନ-ବୁଦ୍ଧିର ଯଥାର୍ଥ ଜ୍ଞାନର ଅଭାବ, ସେସବୁ ଯଥାର୍ଥ ମାର୍ଗରେ ପରିଚାଳିତ ହୋଇପାରନ୍ତି ନାହିଁ, ନିଜକୁ ଭଗବାନଙ୍କ ଚରଣରେ ସମର୍ପିତ କରିପାରନ୍ତି ନାହିଁ କିଂବା ବ୍ୟକ୍ତି ଚାହୁଁଥିବା ପରମାନନ୍ଦ ଲାଭ କରିପାରନ୍ତି ନାହିଁ । ଏହା କରେ ଆତ୍ମା । ଆତ୍ମା ଜାଗ୍ରତ ନ ହେଲେ ବ୍ୟକ୍ତି ପରମାନନ୍ଦ, ପରମଶାନ୍ତି ପ୍ରାପ୍ତ ହୁଏ ନାହିଁ; କର୍ମର ଫଳ ଦୁଃଖ, ସୁଖ ଭୋଗ କରିବା ସକାଶେ ବାରଂବାର ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରୁଥାଏ । ଜନ୍ମ-ମରଣରୁ ନିବୃତ୍ତି, ପରମାନନ୍ଦ ଓ ପରମଶାନ୍ତି ପ୍ରାପ୍ତ ହୁଏ ଆତ୍ମ-ବିକାଶରେ । ଅତଏବ ମନୁଷ୍ୟର ଏହି ଚାରି ସତ୍ତାର ବିକାଶ ହେବା ଅନିବାର୍ଯ୍ୟ । ଅନ୍ୟଥା ପାଦ ଅଭାବରେ ଚାଲି ନ ପାରିବା, ହାତ ଅଭାବରେ କାମ କରି ନ ପାରିବା, ଆଖି ଅଭାବରେ ଦେଖି ନ ପାରିବା, କାନ ଅଭାବରେ ଶୁଣି ନ ପାରିବା ସଦୃଶ ବ୍ୟକ୍ତିର ଜୀବନ ହୁଏ ଅଙ୍ଗହୀନ, ଅପୂର୍ଣ୍ଣ ।

## ଶାରୀରିକ କର୍ମ

ଶରୀର ଜଡ଼ । ସେ ସ୍ୱତଃସ୍ଫୂର୍ତ୍ତଭାବେ ସ୍ୱୟଂ କାର୍ଯ୍ୟ କରିବାକୁ ଅକ୍ଷମ । କିନ୍ତୁ ଶରୀର ହେଉଛି ମନ-ପ୍ରାଣ-ଆତ୍ମାର ଆଧାର । ଶରୀର ସେମାନଙ୍କୁ ନିଜ ମଧ୍ୟରେ ନିବାସ କରିବାକୁ ଆଶ୍ରୟ ଦେଇଥାଏ । ମନ-ପ୍ରାଣ-ଆତ୍ମାର ଯଦ୍ୟପି ଥାଏ ଅସାଧାରଣ ଶକ୍ତି ତଥାପି ଶରୀରଯନ୍ତ୍ର ଛଡ଼ା ସେମାନେ କର୍ମ ସମ୍ପାଦନ କରିପାରନ୍ତି ନାହିଁ, କର୍ମ କରନ୍ତି ଶରୀର-ଯନ୍ତ୍ରର ଆଶ୍ରୟରେ । ଶରୀର ହେଲା ନିରୀହ ଯନ୍ତ୍ର । ମନ, ପ୍ରାଣ, ଆତ୍ମା ସମସ୍ତେ ତାହାରି ଉପରେ ହୁକୁମ ଜାରି କରନ୍ତି । ସେ ନୀରବରେ ଭୃତ୍ୟରୂପେ ଆଦେଶ ପାଳନ କରେ । ମନ, ପ୍ରାଣ, ଆତ୍ମା – ଏହି ତିନିଟି ସତ୍ତା ମଧ୍ୟରେ ଯେଉଁଟି ବଳବାନ୍ ହୁଏ, ଶରୀର ହୁଏ ତାହାରି ଆଜ୍ଞାକାରୀ ସେବକ ।

ମନ, ପ୍ରାଣ ତଥା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା ଅସାଧାରଣ କର୍ମ ସମ୍ପନ୍ନ ହୁଏ । ଶରୀର ଦୁର୍ବଳ ଓ ରୋଗଗ୍ରସ୍ତ ହେଲେ ଜାଗତିକ କୌଣସି କର୍ମ ସିଦ୍ଧି ହୁଏ ନାହିଁ କିଂବା ଅଧ୍ୟାତ୍ମ-ସାଧନା ଭଗବତ୍‌ପ୍ରାପ୍ତି ହୁଏ ନାହିଁ । ସୁତରାଂ ଶରୀରକୁ ସୁସ୍ଥସବଳ କରିବା ସକାଶେ ସଂଯତ ରଖିବା ଆବଶ୍ୟକ ।

ଶରୀର ସଂଯତ, ବଳବାନ୍, ରୋଗମୁକ୍ତ, ସୁନ୍ଦର, ସୁଡ଼ୌଳ ହୁଏ ଏବଂ ଗ୍ରନ୍ଥିସବୁ ଦୃଢ଼ ହୁଏ ଓ ଦୁର୍ବଳ ଭାଗ ସବଳ ହୁଏ ବ୍ୟାୟାମ ଦ୍ୱାରା । ଏହାର ସହାୟକ ଶାରୀରିକ ନିୟମ : ରାତ୍ରି ଦଶଟା ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ଭୋଜନ ଏବଂ ବିଶ୍ରାମ, ନିର୍ଦ୍ଦିଷ୍ଟ ସମୟରେ ଶଯ୍ୟାତ୍ୟାଗ, ମଳ-ମୂତ୍ରତ୍ୟାଗ ଏବଂ ବିଦ୍ୟାଧ୍ୟୟନ ଇତ୍ୟାଦି । ଅନିୟମିତତା, ଅହିତକର ଖାଦ୍ୟ, ଅସମୟରେ ଭୋଜନ, ଅସମୟରେ ନିଦ୍ରା, ନିରର୍ଥକ ଗଳ୍ପ, ଦୁଷ୍ଟଚରିତ୍ର ବାଳକ-ବାଳିକାମାନଙ୍କ ସଙ୍ଗ ତଥା ବିଡ଼ି ସିଗାରେଟ୍ ଆଦି ସମସ୍ତ ପ୍ରକାର ଧୂମପାନ ଏବଂ ମଦ୍ୟ, ଗଞ୍ଜାଇ, ଅଫିମ ଆଦି ସମସ୍ତ ପ୍ରକାର ନିଶାଦ୍ରବ୍ୟ ସର୍ବଥା ତ୍ୟାଜ୍ୟ ।

ବ୍ୟାୟାମ ଦ୍ୱାରା ଜଠରାଗ୍ନି ବଳବାନ୍ ହୁଏ । ତାହାଦ୍ୱାରା ଖାଦ୍ୟଦ୍ରବ୍ୟ ଠିକ୍ ଠିକ୍ ପରିପାକ ହେଲେ କୌଣସି ରୋଗ ହୁଏ ନାହିଁ ଏବଂ ବ୍ରହ୍ମଚର୍ଯ୍ୟ ରକ୍ଷା ହେବାରେ ବହୁତ ସାହାଯ୍ୟ ମିଳେ । ଶରୀରର ସାରାତିସାର ବସ୍ତୁ ବ୍ରହ୍ମଚର୍ଯ୍ୟ । ତାହାହିଁ ଶରୀର, ମନ, ପ୍ରାଣକୁ ଉପାଦାନ ଯୋଗାଏ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ମନ-ପ୍ରାଣ-ଶରୀର ହୁଅନ୍ତି ଦୃଢ଼, ସବଳ, ନମନୀୟ, ଶୁଦ୍ଧ, ପବିତ୍ର । ତେବେ ସେହି ଆଧାରରେ ପ୍ରତିଷ୍ଠା ହୁଏ ସମସ୍ତ କାର୍ଯ୍ୟକାରୀ ଶକ୍ତି ଏବଂ ଅଧ୍ୟାତ୍ମ ସତ୍ୟ ।

## ଉନ୍ନତ ଜୀବନର ଆଧାର : ବ୍ରହ୍ମଚର୍ଯ୍ୟ

ନିଜ ଜୀବନର ଉନ୍ନତି, ନିଜର ହିତ, ପରିବାରର ହିତ, ସମାଜ, ଦେଶ, ସମସ୍ତ ସଂସାରର ହିତ ଚାହୁଁଥିବା ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ପାଳନ କରିବା ଆବଶ୍ୟକ ।

ଉନ୍ନତ ଜୀବନର ଭିତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନରେ ବ୍ୟକ୍ତିର ଶରୀର-ଚେତନା ଓ ମନ-ପ୍ରାଣ ଶୁଦ୍ଧ ଓ ପବିତ୍ର ହୁଏ; ସାହସ, ଧୈର୍ଯ୍ୟ, ଶୃଙ୍ଖଳା, ଶାନ୍ତି, ସମତା, ବିବେକ ଉତ୍ପନ୍ନ ହୁଏ । ମନ ଓ ପ୍ରାଣ ଉଦ୍ଧତ ହୋଇ ନରକଗାମୀ ବାସନା-କାମନା ପୂର୍ଣ୍ଣ କରିବାକୁ ଧାବିତ ହୁଅନ୍ତି ନାହିଁ । ଆତ୍ମାର ଆନୁଗତ୍ୟ ସ୍ୱୀକାର କରି ଆତ୍ମାର ନିର୍ଦ୍ଦେଶରେ ଉତ୍ତମ କର୍ମର ପ୍ରେରଣାରେ ପ୍ରବୃତ୍ତ ହୁଅନ୍ତି । ମନ ଓ ପ୍ରାଣ କର୍ମର ପ୍ରେରକ । ଶରୀର ସେମାନଙ୍କ ଯନ୍ତ୍ର । ଆତ୍ମା ଦ୍ୱାରା ମନ-ପ୍ରାଣ ନିୟନ୍ତ୍ରିତ ହେଲେ ସେମାନଙ୍କ ପ୍ରେରଣାରେ ହୁଏ ଶରୀରରେ ଉତ୍ତମ କର୍ମ । ଉତ୍ତମ କର୍ମ ଦ୍ୱାରା ବ୍ୟକ୍ତି ହୁଏ ମହାନ୍ ଏବଂ ତା' ଜୀବନ ହୁଏ ସର୍ବାଙ୍ଗସୁନ୍ଦର । ସର୍ବାଙ୍ଗୀନ, ପୂର୍ଣ୍ଣବିକଶିତ ଜୀବନର ଅନ୍ତରରେ ପ୍ରତିଷ୍ଠା ହୁଏ ଆନନ୍ଦ, ଜ୍ଞାନ, ଶାନ୍ତି, ସମତା, ଅହିଂସା; ଜାଗ୍ରତ ହୁଏ ସୁପ୍ତ କର୍ମଶକ୍ତି । ତାଦ୍ୱାରା ହୁଏ ଉତ୍ତମ, ମହାନ୍ କର୍ମ । ଏହା ହୁଏ ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱପ୍ରାପ୍ତିରେ । ଏହି ଉନ୍ନତ ଜୀବନ-ଭିତ୍ତିର ଦୁଇଟି ପ୍ରଣାଳୀ । ପ୍ରଧାନଟି ହେଲା

ବ୍ରହ୍ମଚର୍ଯ୍ୟ ପାଳନ, ଅନ୍ୟଟି ତା'ର ସହାୟକ ନିୟମ ବା ଶୃଙ୍ଖଳା । ଶୃଙ୍ଖଳାର ଅର୍ଥ ଶରୀର, ମନ, ପ୍ରାଣକୁ ସ୍ୱେଚ୍ଛାଚାରୀ, ଅର୍ଥାତ୍ ସେଗୁଡ଼ିକର ନିଜ ନିଜ ବାସନା ପୂର୍ଣ୍ଣ କରିବାକୁ ନ ଦେଇ ସଂଯତ କରିବା ।

## ଅଶୁଦ୍ଧ ଏବଂ ଶୁଦ୍ଧ-ସଂଯତ ପ୍ରାଣର କର୍ମ

ପ୍ରାଣ କାର୍ଯ୍ୟକାରୀ ଶକ୍ତି । ପ୍ରାଣର ଶକ୍ତିରେ ଶରୀର ଦ୍ୱାରା ସ୍ଥୂଳ କର୍ମ ସମ୍ପାଦିତ ହୁଏ । ପ୍ରାଣ ପ୍ରବଳ, ଉଦ୍ଦଣ୍ଡ, ସ୍ୱେଚ୍ଛାଚାରୀ, ଇନ୍ଦ୍ରିୟଭୋଗ-ବାସନା-ଅହଂ-ସ୍ୱାର୍ଥ-ପୂର୍ତ୍ତିରେ ରତ । ପଶୁଧର୍ମୀ ପ୍ରାଣ ଯେପର୍ଯ୍ୟନ୍ତ ପ୍ରବଳ, ସେପର୍ଯ୍ୟନ୍ତ ମନ-ବୁଦ୍ଧି ହୋଇଥାଆନ୍ତି ତା'ର ଆଜ୍ଞାକାରୀ ଭୃତ୍ୟ; କଳ-କୌଶଳ, ଫନ୍ଦି-ଫିକରରେ କରନ୍ତି ପ୍ରାଣର ସେବା । ପ୍ରାଣ ନିଜ ଶକ୍ତି ବଳରେ ମନ-ବୁଦ୍ଧି ସାହାଯ୍ୟରେ ଶରୀରକୁ କରେ ଯନ୍ତ୍ର, ଆଚରଣ କରେ ସମସ୍ତ ପ୍ରକାର ନିଷିଦ୍ଧ, ନିନ୍ଦନୀୟ, ଅବିହିତ ଚୋରି-ଡକାୟତି, ପ୍ରାଣିହିଂସା, ଅଖାଦ୍ୟଗ୍ରହଣ, ଲୋଲୁପ-ଲମ୍ପଟ ଆଚରଣ, ଅନ୍ୟର ଅନିଷ୍ଟ, ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର, ଅନ୍ୟ ଦେଶ ଓ ଜାତିର ସର୍ବନାଶ । ନିଜ ବାସନାକାମନାତୃପ୍ତି ସକାଶେ କରେ ଶରୀର ଉପରେ ମହାନ୍ ଅତ୍ୟାଚାର । ପ୍ରାଣଶକ୍ତି ପରମାଣୁ ବା ବିଜୁଳି ଶକ୍ତି ସଦୃଶ ମହା ଶକ୍ତିଶାଳୀ । ଅନିୟନ୍ତ୍ରିତ ଅବସ୍ଥାରେ କରେ ନିଷିଦ୍ଧ, ନିନ୍ଦନୀୟ କର୍ମ, ଅନ୍ୟକୁ କରେ ଧ୍ୱଂସ । ଭାଗବତୀଶକ୍ତିର ପ୍ରଭାବରେ ଆତ୍ମା ଦ୍ୱାରା ନିୟନ୍ତ୍ରିତ ହେଲେ କରେ ମହାନ୍ ଉତ୍ତମ କାର୍ଯ୍ୟ, ପାଳନ କରେ ବ୍ରହ୍ମଚର୍ଯ୍ୟ, ପ୍ରବଳ ଅଭୀପ୍ସାରେ କରେ ଲକ୍ଷ୍ୟ-ସିଦ୍ଧି, ଏକତ୍ୱ ସ୍ଥାପନ କରେ ଭଗବାନଙ୍କ ସହିତ, ହୁଏ ଭାଗବତୀ ଶକ୍ତିର ଯନ୍ତ୍ର, ଅଜେୟ ହନୁମାନଙ୍କ ସଦୃଶ କରେ ଭଗବାନଙ୍କର ମହାନ୍ ସେବା ।

## ସାଧାରଣ ଉନ୍ନତ ପ୍ରକାଶମାନ ମନ-ବୁଦ୍ଧିର କର୍ମ

ମନ ବିଚାରଶୀଳ । ତା'ର ସାଥୀ ବୁଦ୍ଧି । ସମସ୍ତ ପ୍ରକାର ଯୁକ୍ତି-କୌଶଳ ମନର । କିନ୍ତୁ ସେ ଦୁର୍ବଳ । ପ୍ରାଣ ପ୍ରବଳ ହେଲେ ମନ ହୁଏ ତା'ର ଆଜ୍ଞାକାରୀ ଭୃତ୍ୟ, ପ୍ରାଣର ବାସନା-କାମନା ପୂର୍ଣ୍ଣ କରିବାରେ ସମସ୍ତ ପ୍ରକାର କଳକୌଶଳର ନିର୍ଦ୍ଦେଶ ଦିଏ ଶରୀରକୁ । ମହାନ୍ ତୀବ୍ର ବିକାଶଶୀଳ ହୋଇଥିବା ସତ୍ତ୍ୱେ ସେ ଆତ୍ମାର ଆଲୋକ ନ ପାଇବା ପର୍ଯ୍ୟନ୍ତ ଥାଏ ବିବେକହୀନ । ଯଥାର୍ଥ ଭଲ ଏବଂ ମନ୍ଦ ବିଚାର କରିବାରେ ଥାଏ ଅସମର୍ଥ । ମନବୁଦ୍ଧି ନିଜ ଅଜ୍ଞାତରେ ଆତ୍ମାର ଆଲୋକରେ ଉଦ୍ଭାସିତ ହେଲେ ହୁଏ କ୍ରମଶଃ ପ୍ରବଳ । ପ୍ରାଣର ଦାବି, ତା'ର ନିନ୍ଦନୀୟ, ନିଷିଦ୍ଧ ବାସନା-କାମନାକୁ ପରିବର୍ତ୍ତନ କରେ ନୈତିକ କର୍ମ, ମାନ-ଯଶଃ, ଅଧିକାର-ପ୍ରଭୁତ୍ୱ ପ୍ରାପ୍ତ ହେବାରେ । ଯଶଃ, ଅଧିକାର ସକାଶେ ସେ ପୂର୍ବ ନିନ୍ଦନୀୟ ସମସ୍ତ କର୍ମ ତ୍ୟାଗ କରେ । ନିର୍ଲୋଭ, ନିଃସ୍ୱାର୍ଥରୂପେ କରେ ଦେଶ ଏବଂ ଅନ୍ୟର ସେବା ।

ସେହି ମନ ଯଦି ସିଧା ସିଧା ଆତ୍ମାର ଆଲୋକ ପ୍ରାପ୍ତ ହୁଏ, ତେବେ ହୁଏ ମହାବଳଶାଳୀ, ଆତ୍ମାର ଯନ୍ତ୍ର । ଆତ୍ମ-ପ୍ରଭାବରେ ଭଗବତ୍ ସେବା ସକାଶେ ପରାମର୍ଶ ଦିଏ ପ୍ରାଣକୁ । ପଶୁଧର୍ମୀ ଅସୁର-ସ୍ୱଭାବ, ଉଦ୍ଦଣ୍ଡ, ଅଶୁଦ୍ଧ ପ୍ରାଣ ମନ-ବୁଦ୍ଧିର ଉପଦେଶକୁ ଗ୍ରାହ୍ୟ କରେ ନାହିଁ । ନିଜର ସମସ୍ତ ଶକ୍ତି ପ୍ରୟୋଗ କରେ ମନ ଉପରେ, ତାକୁ କରିବାକୁ ଚାହେଁ ନିଜ ଭୃତ୍ୟ । ଏଥିରେ ପ୍ରାଣକୁ ସାହାଯ୍ୟ କରେ ଅଜ୍ଞାନ-ଅନ୍ଧକାରଶକ୍ତି । ଏହିଠାରେ ହୁଏ ପ୍ରାଣ ଏବଂ ମନର ଶକ୍ତି-ପରୀକ୍ଷା । ମନ ନିଜ ସଂକଳ୍ପରେ ଦୃଢ଼ ରହି ଭଗବତ୍ ଶକ୍ତିକୁ ଆବାହନ କଲେ ଭଗବତ୍ ଶକ୍ତି ତାକୁ ସାହାଯ୍ୟ କରେ ଏବଂ ଆତ୍ମା ଦ୍ୱାରା ପରିଚାଳିତ ହୁଏ ତଥା ପ୍ରାଣର ବିରୋଧରେ ଶରୀରକୁ ଆଦେଶ ଦିଏ । ଶରୀର ନିରୀହ ସେବକ । ପ୍ରାଣ ଯେପର୍ଯ୍ୟନ୍ତ ବଳବାନ୍ ଥାଏ, ସେପର୍ଯ୍ୟନ୍ତ ପ୍ରାଣର ହୁକୁମ ପାଳନ କରେ । ଭାଗବତୀ ଶକ୍ତି ସାହାଯ୍ୟରେ ମନ ବଳବାନ୍ ହେଲେ ସେ ପ୍ରାଣର ଆଦେଶକୁ ପ୍ରତ୍ୟାଖ୍ୟାନ କରି ମନର ଆଜ୍ଞାନୁସାରେ କାର୍ଯ୍ୟ କରେ । ଏହିପରି ବହୁଦିନ ପର୍ଯ୍ୟନ୍ତ ଚାଲେ ପ୍ରାଣ ତଥା ମନ ମଧ୍ୟରେ ଦ୍ୱନ୍ଦ୍ୱ । ମନ ଯଦି ଦୃଢ଼ତାସହ ଭଗବାନଙ୍କ ଆଶ୍ରୟ ନିଏ ଏବଂ ଆତ୍ମା ଦ୍ୱାରା

ପରିଚାଳିତ ହେଉଥାଏ, ତେବେ ପ୍ରାଣର ବାସନା-କାମନା ଶରୀର ଦ୍ୱାରା ପୂରା ହୋଇପାରେ ନାହିଁ । କ୍ରମଶଃ ପ୍ରାଣର ଦର୍ପ କ୍ଷୀଣ ହେବାକୁ ଲାଗେ । ପ୍ରାଣର ଏହି ବ୍ୟର୍ଥତାରେ ତା'ର ଆସେ ଶୁଦ୍ଧତା । ଶେଷରେ ସେ ସ୍ୱେଚ୍ଛାରେ ସ୍ୱୀକାର କରେ ଆତ୍ମାର ପ୍ରଭାବକୁ, ସମର୍ପଣ କରେ ଭାଗବତୀ ଶକ୍ତି ଚରଣରେ । ତେବେ ସେହି ପ୍ରାଣ ପୂର୍ବାପେକ୍ଷା ହୁଏ ଅଧିକ ଶକ୍ତିଶାଳୀ, କରେ ଭାଗବତ୍ କାର୍ଯ୍ୟ, ହୁଏ ଭଗବାନଙ୍କ ଯନ୍ତ୍ର ।

## ଆତ୍ମାର କର୍ମ

ଆତ୍ମା ଭଗବାନଙ୍କ ସ୍ୱରୂପ ବା ପ୍ରତିଭୂ । ସେ ହେଲା ବ୍ୟକ୍ତିସତ୍ତା, ଥାଏ ଅଶୁଦ୍ଧ ମନ-ପ୍ରାଣର ଆବରଣରେ । ଆତ୍ମା ମନ-ପ୍ରାଣର ଆବରଣରୁ ମୁକ୍ତ ହେଲେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ସତ୍ୟ, ଯଥାର୍ଥ ବ୍ୟକ୍ତିତ୍ୱ । ତେବେ ସେ କରିପାରେ ମହାନ୍ ଉତ୍ତମ କର୍ମ । ଅନ୍ୟଥା ମନ-ପ୍ରାଣ ଅତ୍ୟନ୍ତ ବିକାଶ ଲାଭ କଲେ ମଧ ଯଥାର୍ଥ ସତ୍‌କର୍ମ କରିବାରେ ଅସମର୍ଥ ।

ଶରୀର ନୀରୋଗ ଓ ଖୁବ୍ ବଳଶାଳୀ ହୋଇଥିବ, ପ୍ରାଣରେ ଅଦମ୍ୟ ଶକ୍ତି ଥିବ, ମନ-ବୁଦ୍ଧି ବିକାଶର ଶେଷ ସୀମାରେ ପହଞ୍ଚିଥିବ । ଏହିପରି ମନ-ପ୍ରାଣ-ଶରୀରବିଶିଷ୍ଟ ବ୍ୟକ୍ତି ହିରଣ୍ୟକଶିପୁ, ରାବଣ, ହିଟ୍‌ଲର୍ ଏବଂ ଅନ୍ୟାନ୍ୟ ଆତ୍ମପ୍ରଭାବବିହୀନ ବଡ଼ ବଡ଼ ନେତାଙ୍କ ସଦୃଶ ମହାନ୍ ପ୍ରଭାବଶାଳୀ ହୋଇଥିବ । ତା'ର ବୁଦ୍ଧିର ପ୍ରଭାବ ସମଗ୍ର ସଂସାରକୁ ଆତଙ୍କିତ କରିଥିବ, କିନ୍ତୁ ଆତ୍ମଭାବ ବା ଆତ୍ମନେତୃତ୍ୱ ବିନା ତା' ଜୀବନ ଦୁଃଖ, ଦ୍ୱନ୍ଦ୍ୱ, ଭୟ, ଆଶଙ୍କାରେ ପୂର୍ଣ୍ଣ ହୋଇଥିବ । ବ୍ୟକ୍ତି ପ୍ରାଣଶକ୍ତି ତଥା ବୁଦ୍ଧିକୌଶଳରେ ଶତ୍ରୁସଂହାର କରି ଅନ୍ୟ ଦେଶରେ ଆଧିପତ୍ୟ ବିସ୍ତାର କରିପାରେ, ସମସ୍ତ ସଂସାରରେ ନିଜ ପ୍ରଭାବ ସ୍ଥାପନ କରି ସଂସାରର ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତି କରିପାରେ । କିନ୍ତୁ ଏଥିରେ ତାକୁ ଯଥାର୍ଥ ସୁଖଶାନ୍ତି ପ୍ରାପ୍ତ ହୁଏ ନାହିଁ । ମନ ପ୍ରାଣର ବାସନା-କାମନା ପୂର୍ଣ୍ଣ କରିବାରେ ମହାନ୍ ଦ୍ୱନ୍ଦ୍ୱ, ଅଶାନ୍ତି ଭୋଗ କରେ । ବାସନା-କାମନା ବ୍ୟକ୍ତି ଯେତେ ପୂରା କରେ, ତାହା ଅଗ୍ନିରେ ଆହୁତି ଦେବା ସଦୃଶ ତେତେ ବୃଦ୍ଧି ହେଉଥାଏ । ଏହା ଫଳରେ ସେ ଯେତେ ସୁଖଭୋଗ ଚାହେଁ, ତେତେ ଦୁଃଖକଷ୍ଟ, ହିଂସା-ଦ୍ୱେଷ, ଅସନ୍ତୋଷ-ଅଭାବ ବଢୁଥାଏ । ତା'ର ବୁଦ୍ଧି ଏତେ ତୀବ୍ର ହେବା ସତ୍ତ୍ୱେ ଆତ୍ମ-ପ୍ରକାଶ ବିନା ନିଜର ହିତ, ପରିବାରର ହିତ, ଦେଶର ହିତ, ସଂସାରର ହିତ ତା' ପାଖରେ ଅଜ୍ଞାତ ରହିଥାଏ ।

ଆତ୍ମା ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବାନଙ୍କ ସ୍ୱରୂପ । ସେ ଭଗବାନଙ୍କ ସମସ୍ତ ଦିବ୍ୟଗୁଣ, ପରମଶାନ୍ତି, ପରମାନନ୍ଦ, ପରମଜ୍ଞାନ, ପରମ ଐଶ୍ୱର୍ଯ୍ୟରେ ବିଭୂଷିତ; ସେ ସର୍ବଦା ଥାଏ ଅବିକୃତ ଏବଂ ଭଗବାନଙ୍କ ସହିତ ଏକ । ଏହି ଆତ୍ମା ଜାଗ୍ରତ ହୋଇ ମନ-ପ୍ରାଣ-ଶରୀର ଉପରେ ନେତୃତ୍ୱ ସ୍ଥାପନ କଲେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ପୂର୍ଣ୍ଣତ୍ୱ । ତେବେ ସେ କରିପାରେ ନିଜ ସକାଶେ, ପରିବାର ସକାଶେ, ଦେଶ ସକାଶେ ତଥା ଜାତି ସକାଶେ ମହାନ୍, ଉନ୍ନତ, ଯଥାର୍ଥ ତଥା ହିତକର କାର୍ଯ୍ୟ । ଏହି ଆତ୍ମା ଜାଗ୍ରତ ହୁଏ ଭଗବତ୍ ସମର୍ପିତ କର୍ମ ଦ୍ୱାରା ।

## ତ୍ରିବିଧ କର୍ମ

ପ୍ରଶ୍ନ : କର୍ମ କିପରି ଭଗବତ୍ ସମର୍ପିତ ହୁଏ ?

ଉତ୍ତର : ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ କରି କର୍ମ ଶେଷରେ ଭଗବାନଙ୍କ ଚରଣରେ ଅଥବା ମା'ଙ୍କ ଚରଣରେ ନିବେଦନ କଲେ ସେହି କର୍ମ ସମର୍ପିତ ହୁଏ ।

ପ୍ରଶ୍ନ : ଅଧ୍ୟାପକ ଅନ୍ୟକୁ ବିଦ୍ୟାଦାନ କରନ୍ତି, ଇଞ୍ଜିନିୟର ଅନ୍ୟର ସୁଖସୁବିଧାର ଉପାୟ କରନ୍ତି, ଦେଶ-ସେବକ ବ୍ୟକ୍ତିଗତ ସମସ୍ତ ସୁଖ-ସୁବିଧା ତ୍ୟାଗ କରି ଦେଶର ସେବା କରନ୍ତି । ଏସବୁ କର୍ମ କ'ଣ ଭଗବାନଙ୍କୁ ସମର୍ପଣ ନୁହେଁ ?

ଉତ୍ତର : ଏହିସବୁ କର୍ମ ଭଗବାନଙ୍କୁ ସମର୍ପଣ ହୁଏ ନାହିଁ । ଯଥାର୍ଥରେ ସମସ୍ତ କର୍ମ ଭଗବତ୍ ସେବା, କିନ୍ତୁ ସେ ସମ୍ବନ୍ଧେ ବ୍ୟକ୍ତି ସଚେତ ନ ଥିବାରୁ ତାହା ଭଗବତ୍ ସମର୍ପଣ ନ ହୋଇ ହୁଏ ସାଧାରଣ କର୍ମ । ତା'ର ଫଳ ଭୋଗକରିବା ସକାଶେ ବ୍ୟକ୍ତିକୁ ଜନ୍ମ-ମରଣ ଚକ୍ରରେ ଭ୍ରମଣ କରିବାକୁ ପଡ଼େ ।

ପ୍ରଶ୍ନ : କର୍ମ କେତେ ପ୍ରକାରର ?

ଉତ୍ତର : କର୍ମ ତିନି ପ୍ରକାରର – ସାଧାରଣ କର୍ମ, ନିଷ୍କାମ କର୍ମ ଏବଂ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ ଭାଗବତ କର୍ମ କିଂବା ଆତ୍ମସ୍ଥ, ଆତ୍ମଭାବାପନ୍ନ ନିର୍ଲିପ୍ତ କର୍ମ । ସାଧାରଣ କର୍ମର ଫଳ ଦୁଃଖ-ସୁଖ ଭୋଗିବା ସକାଶେ ମନୁଷ୍ୟକୁ ବାରଂବାର ଜନ୍ମ ନେବାକୁ ହୁଏ, କର୍ମ କରିବାକୁ ପଡ଼େ, ସେ ସେଥିରୁ ମୁକ୍ତ ହୁଏ ନାହିଁ । ସାଧାରଣ କର୍ମ ଦୁଇଭାଗରେ ବିଭକ୍ତ, ଯଥା : ନିଷିଦ୍ଧ ଓ ନୈତିକ । ଇନ୍ଦ୍ରିୟ-ଭୋଗ-ବିଳାସ, ଅହଂ-ସ୍ୱାର୍ଥ ଚରିତାର୍ଥ କରିବା ସକାଶେ ଚୋରି-ଡକାୟତି, ଜୀବହିଂସା, କୌଶଳରେ ପରଧନ-ପରଦାରାପହରଣ, ମାନ-ଯଶଃ-ଅଧିକାର ସକାଶେ ଅନ୍ୟର ଜୀବନ ଓ ଅନ୍ୟ ଦେଶ ଧ୍ୱଂସ, ରିସ୍‌ପତ୍, ବିଶ୍ୱାସଘାତକତା ଇତ୍ୟାଦି ନିଷିଦ୍ଧ ଏବଂ ନିନ୍ଦନୀୟ କର୍ମ । ଏହାର ଫଳ ପାପ, ଦୁଃଖ-କଷ୍ଟ, ନିନ୍ଦା, ଅପଯଶଃ, ଘୃଣା, ସର୍ବୋପରି ନରକ-ଭୋଗ । ଏହିପରି ନିଷିଦ୍ଧ କର୍ମ ଆଚରଣ କରୁଥିବା ବ୍ୟକ୍ତିର ବୁଦ୍ଧି ମହାନ୍ ଉନ୍ନତ, ମହାନ୍ ତୀବ୍ର ହୋଇଥିଲେ ସୁଦ୍ଧା ତା'ର ଚେତନା ପଶୁର ।

## ନୈତିକ କର୍ମ

ନୈତିକ କର୍ମ ହୁଏ ମନରେ । ମନ ଅଜ୍ଞାତରେ ଆତ୍ମାର ପ୍ରଭାବ କିଛି ଅଂଶରେ ପ୍ରାପ୍ତ ହେଲେ ପ୍ରାଣର ଦାସତ୍ୱରୁ କିଛି ପରିମାଣରେ ମୁକ୍ତ ହୋଇ ସାମାଜିକ ନିୟମ ଅନୁସାରେ ଆଚରଣ କରେ ନୈତିକ କର୍ମ । ନୈତିକ କର୍ମ ହେଲା – ନ୍ୟାୟ, ସତ୍ୟ-ପାଳନ, ପିତା, ମାତା, ଗୁରୁ, ଅତିଥି, ବୃଦ୍ଧ ଓ ରୋଗୀଙ୍କର ସେବା, ଅନାଶ୍ରିତ, ଭୟଭୀତ, ଦୁର୍ବଳ, ଶତ୍ରୁପୀଡ଼ିତ ଓ ଦରିଦ୍ର ବ୍ୟକ୍ତିକୁ ଯଥାଶକ୍ତି ସାହାଯ୍ୟ, ସତ୍ୟାଚରଣପୂର୍ବକ ଗୃହକର୍ମ, କୃଷି, ବାଣିଜ୍ୟ, ଦେଶ-ସେବା ଇତ୍ୟାଦି ଉତ୍ତମ କର୍ମ ସମ୍ପାଦନ । ଏହି ନୈତିକତା ଦ୍ୱାରା ପୁରୁଷ ଏବଂ ସ୍ତ୍ରୀମାନେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସ୍ୱବର୍ଣ୍ଣ ତଥା ଉପଯୁକ୍ତ କୁଳରେ ବୈଦିକ ନିୟମ ଅନୁସାରେ ଉପଯୁକ୍ତ ଅବସ୍ଥାରେ ବିବାହ କରନ୍ତି । ସ୍ତ୍ରୀମାନେ ଏକପତି-ବ୍ରତ, ପୁରୁଷମାନେ ଏକପତ୍ନୀ-ବ୍ରତ ପାଳନ କରନ୍ତି । ଏହି ନୈତିକ ନିୟମ ପାଳନ ହୁଏ ସମାଜ ତଥା ଶାସନର ନିର୍ଦ୍ଧାରିତ ବିଧାନ ଅନୁସାରେ । ଏହି ନୈତିକ ଧର୍ମ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ଶାସନ, ସମାଜ ବିଶୃଙ୍ଖଳ ହୁଏ । ଏହି ବିଶୃଙ୍ଖଳା ଦୂର କରି, ପୁନଃ ନୈତିକତା ସ୍ଥାପନ କରିବା ସକାଶେ ଭଗବାନ୍ ବା ମହାପୁରୁଷମାନେ ଅବତାର ନେଇ ପୃଥିବୀରେ ଗୋଟିଏ ଅଧ୍ୟାତ୍ମସତ୍ୟ ପ୍ରସାର କରନ୍ତି । ସେହି ଅଧ୍ୟାତ୍ମ ସତ୍ୟର ପ୍ରଭାବରେ ନୈତିକତା ପୁନର୍ଜୀବନ ଲାଭ କରେ । ନୈତିକତାର କୌଣସି ଦୃଢ଼ ଭିତ୍ତି ନାହିଁ, ତାହା ଅଧ୍ୟାତ୍ମ ସତ୍ୟର ପ୍ରଭାବରେ ତିଷ୍ଠିରହେ । ଅଧ୍ୟାତ୍ମ ଧର୍ମ ହ୍ରାସ ହେଲେ ନୈତିକ ଧର୍ମର ପତନ ହୁଏ ।

ଏହି ନୈତିକତା ଲୋକ-ଦୃଷ୍ଟିରେ ଉତ୍ତମ କର୍ମରୂପେ ସମ୍ମାନିତ ହୁଏ, ଯଥାର୍ଥରେ ଏହା ପୂର୍ବ ପଶୁ ଅବସ୍ଥା ଅପେକ୍ଷା ଖୁବ୍ ଉନ୍ନତ, କିନ୍ତୁ ତଥାପି ଏହା ଭିତ୍ତିହୀନ, ଅଦୃଢ଼, ବାସନା-କାମନାଗ୍ରସ୍ତ ଏବଂ ଦୁଃଖ-ଦ୍ୱନ୍ଦ୍ୱରେ ପୂର୍ଣ୍ଣ ।

ମନୁଷ୍ୟର ବୁଦ୍ଧି ଅନ୍ତରାତ୍ମାର ପ୍ରଭାବକୁ ସ୍ୱୀକାର କଲେ ସେଥିରେ ପ୍ରକାଶ ହୁଏ ଜ୍ଞାନ, ସେ ପରିଚାଳିତ ହୁଏ ଅନ୍ତରାତ୍ମା ଦ୍ୱାରା, ହୁଏ ମହାନ୍ ବଳଶାଳୀ । ତେବେ ସେ ଆବାହନ କରେ ଅତିମାନସ-ଶକ୍ତିକୁ ଏବଂ ସେହି ଶକ୍ତି ଦ୍ୱାରା ପ୍ରାଣକୁ ରୂପାନ୍ତରିତ କରେ । ମନୁଷ୍ୟ ପ୍ରାପ୍ତ ହୁଏ ପରମାନନ୍ଦ । ଆତ୍ମା ଜାଗ୍ରତ ହୁଏ ମନୁଷ୍ୟ ଭଗବତ୍ ସମର୍ପିତ ନିଷ୍କାମ କର୍ମ କରିବାରେ ।

## ଭଗବତ୍ ସମର୍ପିତ ବା ନିଷ୍କାମ କର୍ମ

କାର୍ଯ୍ୟ ଯଦ୍ୟପି ବନ୍ଧନ ଏବଂ ଦୁଃଖ-ସୁଖଭୋଗ ତଥା ଜନ୍ମ-ମରଣର କାରଣ ତଥାପି ଭଗବତ୍ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବାଭାବରେ ଆଚରିତ ହେଲେ ବନ୍ଧନ ନ ହୋଇ ବ୍ୟକ୍ତିକୁ ଜନ୍ମ-ମରଣ, ଦୁଃଖ-କଷ୍ଟ, ଦ୍ୱନ୍ଦ୍ୱରୁ ଉଦ୍ଧାର କରେ, ଭଗବତ୍ ପ୍ରାପ୍ତି, ମୁକ୍ତି କିଂବା ନିର୍ବାଣ ପ୍ରଦାନ କରେ ।

ବ୍ୟକ୍ତି ମନପ୍ରାଣ ଦ୍ୱାରା ପ୍ରେରିତ ହୋଇ କର୍ମ କରେ ଏବଂ ଭଗବାନଙ୍କୁ ସମର୍ପଣ କରେ । କିନ୍ତୁ କର୍ମ କରେ ବ୍ୟକ୍ତି ସ୍ୱୟଂ — ସେ କର୍ମ ଭଗବାନଙ୍କ ସକାଶେ କରି ଭଗବାନଙ୍କୁ ସମର୍ପଣ କରୁଛି ବୋଲି ତା'ର ଧାରଣା ଥାଏ । ଏହି ଭାବ ଥିବାରୁ ସେ ହୁଏ କର୍ମର କର୍ତ୍ତା । କର୍ମ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସମ୍ପାଦିତ ହୋଇ ଭଗବାନଙ୍କୁ ସମର୍ପିତ ହେବାରୁ କର୍ମର ଫଳ ହୁଏ ଭଗବତ୍ ପ୍ରାପ୍ତି । ବ୍ୟକ୍ତି କର୍ମ-ବନ୍ଧନରୁ ହୁଏ ମୁକ୍ତ । କାରଣ ଭଗବାନ୍ ହେଉଛନ୍ତି ଆପ୍ତକାମ, ସମସ୍ତ ଦିବ୍ୟଗୁଣର ବିଗ୍ରହ । ତାଙ୍କୁ ପ୍ରାପ୍ତ ହେଲେ ବ୍ୟକ୍ତିର ସମସ୍ତ ପ୍ରକାର ଅଭାବ ଦୂର ହୁଏ, ଆଉ କୌଣସି ପ୍ରକାର କାମନା ରହେ ନାହିଁ । କାମନାଶୂନ୍ୟ ବ୍ୟକ୍ତିହିଁ ହୁଏ ମୁକ୍ତ ।

## ଭାଗବତ କର୍ମ

ସାଧାରଣ କର୍ମରେ ଥାଏ କାମନା, ଭଗବତ୍ ସମର୍ପିତ କର୍ମରେ ଅନ୍ୟସବୁ କାମନା ନଷ୍ଟ ହୁଏ, ଏକମାତ୍ର କାମନା ବା ଅଭୀପ୍ସା ରହେ ଭଗବତ୍ ପ୍ରାପ୍ତି । କିନ୍ତୁ କର୍ମର କର୍ତ୍ତା ଥାଏ ବ୍ୟକ୍ତି । ଭାଗବତ କର୍ମରେ ବ୍ୟକ୍ତି କର୍ମକର୍ତ୍ତା ହୋଇ ରହେ ନାହିଁ, ବ୍ୟକ୍ତି ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ କର୍ମ କରେ ନାହିଁ । ମନ-ପ୍ରାଣ ଭଗବାନଙ୍କୁ ସମର୍ପିତ ହୋଇଥା'ନ୍ତି ଏବଂ ପରିଚାଳିତ ହୁଅନ୍ତି ଭଗବତୀ ଶକ୍ତି ଦ୍ୱାରା । ବ୍ୟକ୍ତି ଭାଗବତୀ ଶକ୍ତିର ପ୍ରେରଣାରେ ସମ୍ପାଦନ କରେ କର୍ମ, କର୍ମର କର୍ତ୍ତା ହୁଅନ୍ତି ସ୍ୱୟଂ ଭାଗବତୀ ଶକ୍ତି । ବ୍ୟକ୍ତିର ସମସ୍ତ ସତ୍ତା ଏକତ୍ୱପ୍ରାପ୍ତ ହୁଏ ଭଗବାନଙ୍କ ସହିତ । ସେ ନିବାସ କରେ ଭଗବାନଙ୍କ ମଧ୍ୟରେ, ଭଗବାନ୍ ପ୍ରକାଶ ହୁଅନ୍ତି ବ୍ୟକ୍ତିର ସମସ୍ତ ସତ୍ତାରେ । ତା' ମଧ୍ୟରେ ପ୍ରବାହିତ ହୁଏ ଭଗବାନଙ୍କ ପରମ ଶାନ୍ତି, ପରମାନନ୍ଦ, ସେ ପୂର୍ଣ୍ଣରୂପେ ବୁଡ଼ିଯାଏ ପରମାନନ୍ଦ, ପରମଜ୍ଞାନରୂପ ସମୁଦ୍ରରେ । ତା' ଦୃଷ୍ଟିରେ କୌଣସି ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ନ ଥାଏ, ସମସ୍ତହିଁ ପରମାନନ୍ଦ । ଏହି ଅବସ୍ଥା ଅନିର୍ବଚନୀୟ, ଏହି ଆନନ୍ଦମୟ ଅବସ୍ଥାକୁ ବ୍ୟକ୍ତ କରିବାକୁ ଭାଷା ନାହିଁ; କେବଳ ଅନୁଭବ କରାଯାଏ ଏବଂ ଅନୁଭବୀ ବୁଝିପାରେ ।

ବ୍ୟକ୍ତି ଭଗବାନଙ୍କ ସହିତ ପୂର୍ଣ୍ଣରୂପେ, ଅଖଣ୍ଡ ଏକତ୍ୱ ପ୍ରାପ୍ତ କରିଥିବା ସତ୍ତ୍ୱେ ରହେ ପୃଥକ୍, ତାହାଦ୍ୱାରା ହୁଏ ଭଗବତ୍ ସେବା, ସେ ହୁଏ ଭଗବାନଙ୍କ ଯନ୍ତ୍ର । ଏହି ଭାଗବତ କର୍ମ ସିଦ୍ଧ ହୁଏ କେବଳ ଶ୍ରୀଅରବିନ୍ଦଙ୍କ ଯୋଗରେ, ବ୍ୟକ୍ତିର ମନ-ପ୍ରାଣ-ଶରୀର ଅତିମାନସଶକ୍ତି ଦ୍ୱାରା ରୂପାନ୍ତରିତ ହେବାରେ । ରୂପାନ୍ତର ଛଡ଼ା ଭାଗବତ କର୍ମ ସମ୍ଭବ ନୁହେଁ । କାରଣ ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହେଲେ ସେଥିରେ ଅଧିକାର ଥାଏ ରୋଗ-ଜରା-ମୃତ୍ୟୁ, ଜଡ଼ତା, ତାମସିକତା, ଅଚେତନା ଆଦି ଅଜ୍ଞାନ-ଶକ୍ତିର । ଏହିସବୁ ସତ୍ତା ପରିଚାଳିତ ହୁଅନ୍ତି ଅନ୍ଧକାର ଶକ୍ତି ଦ୍ୱାରା । ଅରୂପାନ୍ତରିତ ଅବସ୍ଥାରେ ମନ-ପ୍ରାଣ-ଶରୀର ସତ୍ତା ଥାଆନ୍ତି ଅନ୍ଧକାର-ଶକ୍ତିର ସ୍ୱଜାତି । ଉଭୟହିଁ ଯଥାର୍ଥ ସତ୍ୟର ବିକୃତ ରୂପ । ମନ-ପ୍ରାଣ-ଶରୀର ଅତିମାନସ-ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ହୁଅନ୍ତି ଭଗବାନଙ୍କ ସ୍ୱଜାତି । ତେବେ ସେସବୁ ବୁଝିପାରନ୍ତି ଏବଂ ପରିଚାଳିତ ହୁଅନ୍ତି ଭାଗବତୀ ଶକ୍ତି ଦ୍ୱାରା । ମନୁଷ୍ୟ ଏବଂ ଭଗବାନଙ୍କ ମଧ୍ୟରେ ତଥା ଏହି ମୃତ୍ୟୁ-ପୁରୀ ଏବଂ ଦିବ୍ୟଲୋକମାନଙ୍କ ମଧ୍ୟରେ ସେତୁ ନିର୍ମିତ ହୁଏ । ଦିବ୍ୟଲୋକ ଉତରି ଆସେ ଏହି ମୃତ୍ୟୁପୁରୀକୁ । ମୃତ୍ୟୁପୁରୀ ପରିଣତ ହୁଏ ଭଗବତ୍ ଦିବ୍ୟ-ଧାମରେ ।

# ଆତ୍ମସ୍ଥ ନିର୍ଲିପ୍ତ କର୍ମ

ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବ୍ୟକ୍ତି ମନ-ପ୍ରାଣ-ଶରୀରକୁ ଆତ୍ମାଠାରୁ ପୃଥକ୍ ମନେକରେ । ଅନ୍ତରାତ୍ମା (Psychic being) ବା ବ୍ୟକ୍ତିସତ୍ତାର ଆବଶ୍ୟକତା ନ ଥାଏ । ମନ-ପ୍ରାଣ-ଶରୀରବିଶିଷ୍ଟ ଅହଂ-ବ୍ୟକ୍ତିତ୍ୱ ତଥା ସଂସାର ଏବଂ ସଂସାରର ସମସ୍ତ କର୍ମକୁ ମିଥ୍ୟା, ମାୟା, ଭ୍ରମ, ସ୍ୱପ୍ନବତ୍ ଧାରଣା କରେ । ମନ-ପ୍ରାଣ-ଶରୀରରୁ ବ୍ୟକ୍ତି ପୃଥକ୍ ହେଲେ, ଆମ୍ଭେମାନେ ଭାଷା ଦ୍ୱାରା ଯେଉଁ ବ୍ୟକ୍ତିତ୍ୱ କଥା କହୁ ସେହି ବ୍ୟକ୍ତିତ୍ୱ ଆଉ ରହେ ନାହିଁ, ରହେ କେବଳ ନୈର୍ବ୍ୟକ୍ତିକ ସତ୍ତା । ଏହି ଅବସ୍ଥାର ନାମ ଆତ୍ମସ୍ଥ । ଏହି ଅବସ୍ଥାରେ ଦ୍ୱୈତତା ନ ଥାଏ । କେବଳ ଥାଏ ଏକ ସତ୍ତା । ସେ ସମୟରେ ବ୍ୟକ୍ତିର ଶ୍ୱାସ-ପ୍ରଶ୍ୱାସ, ସ୍ନାନ-ଭୋଜନାଦି ଯେଉଁସବୁ କର୍ମ ହୁଏ, ତାହା ହୁଏ ଶରୀର-ସ୍ୱଭାବରେ । ଆମ୍ଭେ ନିଜ ଭାଷାରେ ଯେଉଁ ତତ୍ତ୍ୱକୁ ବ୍ୟକ୍ତି କହୁ, ସେ କର୍ମରୁ ସଂପୂର୍ଣ୍ଣ ମୁକ୍ତ ଥାଏ । କର୍ମ ତାକୁ ସ୍ପର୍ଶ କରେ ନାହିଁ । ମୃତ୍ୟୁପରେ ଶରୀର ତ୍ୟାଗ କରି ବ୍ୟକ୍ତି ନିର୍ବିଶେଷ ସତ୍ତାରେ ମିଳିଯାଏ ଅଥବା ନିର୍ବାଣକୁ ପ୍ରାପ୍ତହୁଏ । ଆତ୍ମସ୍ଥ କର୍ମ ଏବଂ ଭାଗବତ କର୍ମ ଏହି ଉଭୟର କର୍ମ-ପ୍ରଣାଳୀ ତଥା ପରିଣାମ ଭିନ୍ନ ଥିବା ସତ୍ତ୍ୱେ, ଏହି ଉଭୟ କର୍ମର କର୍ତ୍ତା ବ୍ୟକ୍ତି ନ ହେବାରୁ ଏହାକୁ ଏକ ଶ୍ରେଣୀବଦ୍ଧ କରାଯାଇ ପାରେ । ସାଧାରଣ କର୍ମ, ଭଗବତ୍ ଉଦ୍ଦେଶ୍ୟରେ ଭଗବତ୍ ସମର୍ପିତ ନିଷ୍କାମ କର୍ମ, ଭଗବତ କର୍ମ ଏବଂ ଆତ୍ମସ୍ଥ କର୍ମ – ଏସବୁକୁ ଶାସ୍ତ୍ର ତ୍ରିବିଧ କର୍ମ ନାମରେ ଘୋଷଣା କରିଅଛି ।

ପ୍ରଶ୍ନ : ଚୋରି-ଡକାଏତି, ଅନ୍ୟର ଅନିଷ୍ଟ, ପ୍ରାଣର ବାସନା-କାମନାତୁଷ୍ଟି ସକାଶେ ଅସଦାଚରଣ, ପରପୀଡ଼ନ, ନିଜର ମାନ-ଯଶଃ-ପ୍ରତିଷ୍ଠା, ଅଧିକାର ସକାଶେ ଅନ୍ୟର, ଅନ୍ୟ ଦେଶର ସର୍ବନାଶ କରିବା – ଏହିସବୁ କର୍ମ ନିଷିଦ୍ଧ । ଏହି ପ୍ରକାର ନିଷିଦ୍ଧ, ନିନ୍ଦନୀୟ ତଥା ଘୃଣ୍ୟ କର୍ମ କଥା ମୁଁ କହୁ ନାହିଁ । ଏହିସବୁ କର୍ମର ଦୁଷ୍ପରିଣାମ ବ୍ୟକ୍ତିକୁ ଅବଶ୍ୟ ଭୋଗିବାକୁ ହେବ ।

ମୋର ପ୍ରଶ୍ନ ହେଉଛି ସେହିମାନଙ୍କ ସମ୍ବନ୍ଧରେ ଯେଉଁମାନେ ଅନ୍ୟର ଦୁଃଖକଷ୍ଟ ଦୂର କରି ସୁଖସୁବିଧା ସକାଶେ ଅନ୍ନ-ବସ୍ତ୍ର, ଔଷଧ ଦାନ କରନ୍ତି, ଗୃହ ନ ଥିବା ବ୍ୟକ୍ତିକୁ ଗୃହ-ନିର୍ମାଣ ପାଇଁ ସାହାଯ୍ୟ କରନ୍ତି, ପ୍ରାଣ-ସଂକଟରେ ପଡ଼ିଥିବା ବ୍ୟକ୍ତିକୁ ଉଦ୍ଧାର କରିବା ସକାଶେ ନିଜ ଜୀବନକୁ ଉତ୍ସର୍ଗ କରି ଜଳରେ, ଅଗ୍ନିରେ ଡେଇଁପଡ଼ି ଅନ୍ୟର ପ୍ରାଣରକ୍ଷା କରନ୍ତି, ରୋଗୀକୁ ସେବା କରନ୍ତି, ଦୁଷ୍ଟ ବ୍ୟକ୍ତି ଦ୍ୱାରା ପୀଡ଼ିତ, ନିଷ୍ପେଷିତ ବ୍ୟକ୍ତିକୁ ସାହାଯ୍ୟ କରନ୍ତି, ଦେଶବାସୀଙ୍କୁ ସୁଖସୁବିଧାରେ ରଖିବା ସକାଶେ ସ୍ୱୟଂ ବିଶେଷ ଦୁଃଖକଷ୍ଟ, ଦଣ୍ଡ ଭୋଗନ୍ତି । ପୂର୍ବୋକ୍ତ ନୈତିକ କର୍ମ ଏବଂ ଏହିସବୁ ଉତ୍ତମ କର୍ମ କରି କେଉଁ କାରଣରୁ ବ୍ୟକ୍ତି ଜନ୍ମ-ମରଣରୁ ମୁକ୍ତ ହୁଏ ନାହିଁ, ଦୁଃଖକଷ୍ଟ ଭୋଗେ କିନ୍ତୁ ଭଗବତ୍ ସେବାଭାବରେ, ଭାଗବତୀ ଶକ୍ତିର ପ୍ରେରଣାରେ କିଂବା ଆତ୍ମସ୍ଥ ହୋଇ କର୍ମ କରିବାରେ ବ୍ୟକ୍ତି ଜନ୍ମ-ମରଣରୁ ମୁକ୍ତ ହୋଇ ପରମ କୈବଲ୍ୟ, ମୁକ୍ତି, ଭଗବତ୍ ପ୍ରାପ୍ତି କେଉଁ କାରଣରୁ ଲାଭ କରେ ? କର୍ମର ସ୍ୱରୂପ ଏକପ୍ରକାର ହେବା ସତ୍ତ୍ୱେ ଏହିସବୁ କର୍ମରେ କ'ଣ ପାର୍ଥକ୍ୟ ଥାଏ, ତାହା ସ୍ପଷ୍ଟଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ସାଧାରଣ, ଉତ୍ତମ କର୍ମରେ ବ୍ୟକ୍ତିର ଥାଏ କାମନା; ନିଜ ଅହଂର ପ୍ରେରଣାରେ ସେ କର୍ମ କରେ । ବ୍ୟକ୍ତିର ଅହଂ ଏବଂ ସ୍ୱାର୍ଥ ଥିବାରୁ ସେ ହୁଏ କର୍ମର କର୍ତ୍ତା । କର୍ମର ଫଳ ଭୋଗକରିବା ସକାଶେ ସେ ଜନ୍ମ-ମରଣ-ଚକ୍ରରେ ଘୂରୁଥାଏ ଏବଂ ଦୁଃଖ-ସୁଖ ଭୋଗିବାକୁ ବାଧ୍ୟ ହୁଏ । ସ୍ୱୟଂ କର୍ମର କର୍ତ୍ତା ହେବାରୁ କର୍ମରେ ବାଧା ପଡ଼ିଲେ ଦୁଃଖୀ-ସୁଖୀ ହୁଏ, ଶତ୍ରୁ-ମିତ୍ର ଭାବ ରଖେ, ହିଂସା-ଦ୍ୱେଷ ଜାତ ହୁଏ, ଦୁଃଖକଷ୍ଟ ଭୋଗେ ।

ଭଗବତ୍ ଉଦ୍ଦେଶ୍ୟରେ, ଭାଗବତୀ ଶକ୍ତିର ପ୍ରେରଣାରେ ଅଥବା ଆତ୍ମସ୍ଥ ବା ଆତ୍ମାରେ ବାସ କରି ବ୍ୟକ୍ତି କର୍ମ କଲେ ସେଥିରେ ଅହଂ-ସ୍ୱାର୍ଥ ନ ଥାଏ । ସେ କର୍ମର କର୍ତ୍ତା ହୁଏ ନାହିଁ । କର୍ମରେ ତା'ର ନିଜର ସ୍ୱାର୍ଥ ବା ଅହଂ ନ ଥିବାରୁ କର୍ମରେ ବାଧା ଦେବା ବ୍ୟକ୍ତି ପ୍ରତି ତା'ର ଆନ୍ତରିକ ରାଗ, ଦ୍ୱେଷ, ଈର୍ଷା, ବିରୋଧ ନ ଥାଏ; କର୍ମ-ସିଦ୍ଧିରେ ହର୍ଷ ହୁଏ ନାହିଁ, କର୍ମ-ଅସିଦ୍ଧିରେ ଦୁଃଖୀ ହୁଏ ନାହିଁ, ଉଭୟ ଅବସ୍ଥାରେ ସମଚିତ୍ତ ରହେ ।

ବ୍ୟକ୍ତି କର୍ମରେ କର୍ତ୍ତାଭାବ ରଖିବାରୁ କର୍ମ-ବନ୍ଧନରେ ପଡ଼େ । ସେହି କର୍ମ ଭଗବତ୍ ଉଦ୍ଦେଶ୍ୟରେ କଲେ କିଂବା

ଭାଗବତୀ ଶକ୍ତିର ପ୍ରେରଣାରେ କଲେ ଅଥବା ଆତ୍ମସ୍ଥ ହୋଇ କର୍ମ କଲେ ସେ କର୍ମର କର୍ତ୍ତା ବ୍ୟକ୍ତି ନ ଥାଏ, ସେ ନିଜେ କର୍ତ୍ତାଭାବ ନ ରଖିବାରୁ କର୍ମ-ବନ୍ଧନରୁ ମୁକ୍ତ ହୁଏ ।

ପ୍ରଶ୍ନ : ଯେଉଁମାନେ ଭାଗବତୀ ଶକ୍ତିର ଯନ୍ତ୍ରରୂପେ କିଂବା ଆତ୍ମସ୍ଥ ହୋଇ କର୍ମ କରନ୍ତି, ସେମାନଙ୍କର କର୍ମର କର୍ତ୍ତାଭାବ ଏବଂ କାମନା ନ ଥାଏ । ଯେଉଁମାନେ ଭଗବାନ୍ କିଂବା ମା'ଙ୍କ ସେବାରୂପେ କର୍ମ କରନ୍ତି, ସମର୍ପଣ କରନ୍ତି, ସେମାନେ ନିର୍ବିବାଦ ରୂପେ ହୁଅନ୍ତି କର୍ମର କର୍ତ୍ତା । କର୍ମର କର୍ତ୍ତା ନ ହେଲେ ସମର୍ପଣ ହୋଇପାରେ ନାହିଁ ତଥା ଭଗବାନଙ୍କ ସକାଶେ କର୍ମ କରିବାର ଧାରଣା ଏବଂ ମନୋଭାବ ଥାଏ । ଏହା ସ୍ପଷ୍ଟରୂପେ ହେଲା କାମନା । ଅନ୍ୟମାନେ ଅନ୍ୟର ହିତ ବା ଦେଶର ହିତ ସକାଶେ ଯେଉଁ କାର୍ଯ୍ୟ କରନ୍ତି ସେମାନଙ୍କର ଠିକ୍ ଏହି ରୂପେ ଥାଏ କର୍ମର କର୍ତ୍ତାଭାବ ଏବଂ ଅନ୍ୟର ଉଦ୍ଦେଶ୍ୟରେ କର୍ମ କରିବାର ଭାବ । ଏହି ଉଭୟ କର୍ମର ମନୋଭାବ ସମାନ, ତେବେ ଏଥିରେ କ'ଣ ପାର୍ଥକ୍ୟ ଥିବାରୁ ବ୍ୟକ୍ତି କର୍ମ-ବନ୍ଧନରେ ପଡ଼େ, ଅନ୍ୟ ବ୍ୟକ୍ତି ସେଥିରୁ ମୁକ୍ତ ହୁଏ ?

ଉତ୍ତର : ସାଧାରଣ କର୍ମ ଦ୍ୱାରା ବ୍ୟକ୍ତିର କାମନା ଶେଷ ହୁଏ ନାହିଁ । କାରଣ ତା'ର ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ନ ଥାଏ, ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ କର୍ମ କରେ ନାହିଁ, କର୍ମ କରେ କର୍ମ ଉଦ୍ଦେଶ୍ୟରେ । ସେହି କାରଣରୁ ଗୋଟିଏ କାର୍ଯ୍ୟ ସମାପ୍ତ ନ ହେଉଣୁ ଅନ୍ୟ କାର୍ଯ୍ୟ କରିବାର କାମନା ଉପସ୍ଥିତ ହୁଏ । କାମନା ଦ୍ୱାରାହିଁ କର୍ମର କର୍ତ୍ତୃତ୍ୱ ଜୀବିତ ରହିଥାଏ ।

ଭଗବାନ୍ ବା ଶ୍ରୀମା'ଙ୍କ ସେବାରୂପେ ଯେଉଁ କର୍ମ କରାହୁଏ, ସେଥିରେ ଅନ୍ୟ କୌଣସି କାମନା ନ ଥାଏ; ପ୍ରଥମ ଅବସ୍ଥାରେ ଯେଉଁସବୁ କାମନା-ବାସନା ଥାଏ ତାହାସବୁ କ୍ରମଶଃ ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୋଇଯାଏ । ଶେଷରେ ରହିଯାଏ ଗୋଟିଏ ମାତ୍ର କାମନା ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତିରେ ତାହା ବି ସମାପ୍ତ ହୋଇଯାଏ ।

ଭଗବାନ୍ ଆପ୍ତକାମ ଏବଂ ସମସ୍ତ ଦିବ୍ୟଗୁଣ, ପରମ ଶାନ୍ତି, ପରମାନନ୍ଦ, ପରମଜ୍ଞାନ, ପରମ ଶକ୍ତିର ସ୍ୱରୂପ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିକୁ ପ୍ରାପ୍ତ ହୁଏ ସମସ୍ତ ଭଗବତ୍ ଦିବ୍ୟଗୁଣ । ସେ ହୁଏ ଆପ୍ତକାମ । ବାସନା-କାମନାବିହୀନ କର୍ମ ହୁଏ ଭଗବତ୍ ପ୍ରେରଣାରେ । ସେହି କର୍ମର କର୍ତ୍ତା ବ୍ୟକ୍ତି ନ ଥାଏ । କର୍ମର କାମନା କର୍ମର କର୍ତ୍ତାଭାବ ଭଗବତ୍ ପ୍ରାପ୍ତିରେ ଲୋପ ହୁଏ ଏବଂ ନୂତନ କାମନା-ବାସନା ଉତ୍ପନ୍ନ ହୁଏ ନାହିଁ । ସେହି କାରଣରୁ ବ୍ୟକ୍ତି କର୍ମବନ୍ଧନ, ଜନ୍ମ-ମରଣରୁ ମୁକ୍ତ ହୁଏ । ସାଧାରଣ କର୍ମରେ କର୍ମର କର୍ତ୍ତା ବ୍ୟକ୍ତି ଥାଏ, ତା'ର ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ନ ଥିବାରୁ ଭଗବତ୍ ପ୍ରାପ୍ତି ହୁଏ ନାହିଁ । ତା'ର କାମନା-ବାସନା ମଧ୍ୟ ଅପରିବର୍ତ୍ତନୀୟ ହୋଇ ରହେ । ସେହି କାରଣରୁ ବ୍ୟକ୍ତି କର୍ମ-ବନ୍ଧନ, ଜନ୍ମ-ମରଣ-ଚକ୍ରରେ ଭ୍ରମଣ କରୁଥାଏ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର କାମନା-ବାସନା, କର୍ତ୍ତୃତ୍ୱାଭିମାନ ନଷ୍ଟ ହେବାରୁ ବ୍ୟକ୍ତି କର୍ମ-ବନ୍ଧନରେ ନ ପଡ଼ି ମୁକ୍ତ ହୁଏ ।

ପ୍ରଶ୍ନ : ଉତ୍ତର ଯୁକ୍ତିଯୁକ୍ତ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଆପଣ କହିଲେ, ''ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କଲେ ଅନ୍ୟାନ୍ୟ କାମନା-ବାସନା ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୁଏ, ଭଗବତ୍ ପ୍ରାପ୍ତି ହେଲେ ଭଗବତ୍ ପ୍ରାପ୍ତି ସକାଶେ ଯେଉଁ କାମନା ଥାଏ ତାହା ବି ସମାପ୍ତ ହୁଏ; ଭଗବାନ୍ ଆପ୍ତକାମ, ଅତଏବ ଭଗବତ୍ ପ୍ରାପ୍ତି ପରେ ଆଉ କାମନା ଉତ୍ପନ୍ନ ହୁଏ ନାହିଁ ।'' ମାତ୍ର ଦେଖାଯାଉଛି ଏହାର ବିପରୀତ । ବହୁତ ଲୋକ ମା'ଙ୍କୁ ଡାକୁଛନ୍ତି ପରୀକ୍ଷାରେ ପାସ୍ କରିବାକୁ, ବ୍ୟବସାୟରେ ପ୍ରଚୁର ଧନ ଉପାର୍ଜନ କରିବାକୁ, ଚାକିରିରେ ଉନ୍ନତି, ନିର୍ବାଚନରେ ଜିତିବା, ମନ୍ତ୍ରୀ ହେବା ତଥା ରୋଗରୁ ମୁକ୍ତ ହେବା ଇତ୍ୟାଦି ସକାଶେ । ଏମାନଙ୍କର କାମନା ଶେଷ ହେବା ପରିବର୍ତ୍ତେ କ୍ରମଶଃ ବଢୁଥିବାର ଦେଖାଯାଏ । ଏହାର ଯଥାର୍ଥ ରହସ୍ୟ କ'ଣ ?

ଉତ୍ତର : ଏହାର ଯଥାର୍ଥ ରହସ୍ୟ ହେଲା — ଉତ୍ତରକୁ ଠିକ୍ ଠିକ୍ ବିଚାର କରିବା । ଉତ୍ତର ଥିଲା, ''ଭଗବତ୍ ଉଦ୍ଦେଶ୍ୟରେ କର୍ମକରି ସମର୍ପଣ କଲେ ଅନ୍ୟାନ୍ୟ କାମନା-ବାସନା ଭଗବତ୍ ପ୍ରାପ୍ତି କାମନାରେ ବିଲୀନ ହୋଇଯାଏ ।'' ଏହା କୁହାହୋଇ ନ ଥିଲା ଯେ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ ନ କରି ଥରେ କୌଣସି ବ୍ୟକ୍ତି ଭଗବାନଙ୍କଠାରୁ କୌଣସି ବସ୍ତୁ ଚାହିଁଲେ, ସେହି ଥରକରେ ତା'ର ସମସ୍ତ କାମନା-ବାସନା ପୂର୍ଣ୍ଣ ହୁଏ, ସେ ପୂର୍ଣ୍ଣମୁକ୍ତ ହୋଇ ଭଗବତ୍ ପ୍ରାପ୍ତି

କରେ । ଯଦି ଏହିପରି ଉତ୍ତର ଦିଆ ହୋଇଥାଆନ୍ତା ତେବେ ଆପଣଙ୍କ ପ୍ରଶ୍ନ ଯୁକ୍ତିଯୁକ୍ତ ହୋଇଥାଆନ୍ତା । ତଥାପି ଆପଣଙ୍କ ପ୍ରଶ୍ନର ଆଲୋଚନା କରିବା ।

ମନୁଷ୍ୟ କାମନା-ବାସନାର କୀଟ । ତା'ର ମନ-ପ୍ରାଣ-ଶରୀର କାମନା-ବାସନାରେ ଗଠିତ ହୋଇଥାଏ । ସୌଭାଗ୍ୟବଶତଃ ଭଗବତ୍ କୃପା କିଂବା ଆତ୍ମାର ଜାଗୃତିରେ ବ୍ୟକ୍ତି ଭଗବତ୍ ସମ୍ମୁଖୀନ ହେଲେ ସ୍ୱଭାବ ତଥା ପୂର୍ବ ଅଭ୍ୟାସବଶତଃ ଭଗବାନଙ୍କ ଠାରୁ ସାଂସାରିକ ବସ୍ତୁ, ବିଦ୍ୟା, ଧନ, ପୁତ୍ର, ଅଧିକାର, ଐଶ୍ୱର୍ଯ୍ୟ ଆଦି ଚାହେଁ । ବସ୍ତୁ ଚାହିଁବା ଦ୍ୱାରା ତା'ର ମନ-ପ୍ରାଣ ଶୁଦ୍ଧ ହେଲେ ସେ ଭଗବାନଙ୍କୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରେ, ତେବେ ତା'ର ଏହି ଭଗବତ୍ ଆଶ୍ରୟ ଦ୍ୱାରା କ୍ରମଶଃ ବିଶ୍ୱାସ ଏବଂ ସମର୍ପଣ ବୃଦ୍ଧି ହୁଏ ଏବଂ କାମନା-ବାସନା କ୍ଷୀଣ ହୁଏ । ଶେଷରେ ସେ କାମନା-ବାସନାରୁ ମୁକ୍ତ ହୋଇ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରେ । ଏହି ଭଗବତ୍ ପ୍ରାପ୍ତିର ସମୟ ଶୀଘ୍ର ବା ବିଳମ୍ବ ହେବା ନିର୍ଭର କରେ ବ୍ୟକ୍ତିର ଅଭୀପ୍ସା ତଥା ସମର୍ପଣର ତୀବ୍ରତା ଉପରେ । ବ୍ୟକ୍ତିର କାମନା-ବାସନା ଯଦି ପ୍ରବଳ ଥାଏ, ତେବେ ସେ ଭଗବାନଙ୍କୁ ଜୀବନର ଲକ୍ଷ୍ୟ ବୋଲି ଶୀଘ୍ର ଗ୍ରହଣ କରିପାରେ ନାହିଁ, ଗୋଟିଏ ପରେ ଗୋଟିଏ ବସ୍ତୁ ଚାହୁଁଥାଏ । ଏହି ଅବସ୍ଥାରେ ତାହାର କାମନା-ବାସନା ବୃଦ୍ଧି ହେବା ପ୍ରତୀତ ହେଉଥାଏ । ଯଥାର୍ଥରେ ତାହା ନୁହେଁ । ଏହି କାମନା-ବାସନା ପୂର୍ଣ୍ଣ ହେବା ଦ୍ୱାରା ତା'ର କାମନା-ବାସନା କ୍ଷୀଣ ହେଉଥାଏ । ଅଣ୍ଡାର ଉପରରୁ କିଛି ଜଣାପଡ଼େ ନାହିଁ, କିନ୍ତୁ ତାହାର ଭିତରେ କ୍ରମଶଃ ଖୋଳଟି ପତଳା ହେଉଥାଏ । ଯେତେବେଳେ ତାହା ଫାଟିଯାଏ ସେତେବେଳେହିଁ ଜଣାପଡ଼େ । ଠିକ୍ ସେହିପରି ମନୁଷ୍ୟ ଭଗବାନଙ୍କୁ ଲକ୍ଷ୍ୟରୂପେ ଗ୍ରହଣ କଲେ କାମନା-ବାସନା କ୍ଷୀଣ ହେଉଥାଏ, ମାତ୍ର ତାହା ବାହାରକୁ ଜଣାପଡ଼େ ନାହିଁ, ଯେତେବେଳେ ସେଥିରୁ ସେ ପୂର୍ଣ୍ଣରୂପେ ମୁକ୍ତ ହୁଏ ସେତେବେଳେ ଅନ୍ୟ ବ୍ୟକ୍ତି ବୁଝିପାରନ୍ତି ।

ଅନ୍ୟ କୌଣସି ବ୍ୟକ୍ତିର ଯଦି ମନ-ପ୍ରାଣ ଅତ୍ୟନ୍ତ ଅଶୁଦ୍ଧ ଓ କାମନା-ବାସନା ଅତ୍ୟନ୍ତ ତୀବ୍ର ଥାଏ, ସେଥିରୁ ମୁକ୍ତ ହେବାର ଉପାୟ ସେ ଯଦି ନ କରେ, କେବଳ ଭଗବାନଙ୍କଠାରୁ ବସ୍ତୁ ଚାହୁଁଥାଏ, ତେବେ ତା'ର ଲକ୍ଷ୍ୟ ଗ୍ରହଣ କରିବା ଏବଂ କାମନାବାସନା ଶୂନ୍ୟ ହେବାରେ ଅଧିକ ସମୟ ଲାଗେ କିଂବା ଜନ୍ମ ଜନ୍ମ ବ୍ୟତୀତ ହୋଇଯାଏ । କିନ୍ତୁ ବ୍ୟକ୍ତି କୌଣସି ପ୍ରକାରେ ଭଗବତ୍ ଶରଣରେ ଆସିଲେ ନିଶ୍ଚୟ ତା'ର କଲ୍ୟାଣ ହୁଏ । କେବଳ ଆଧାର ତୟାରିର ପ୍ରଯତ୍ନ ଉପରେ ସମୟର ଆଧିକ୍ୟ ବା ଅଳ୍ପତା ନିର୍ଭର କରେ ।

ପ୍ରଶ୍ନ : ଏହି ଉତ୍ତରରେ ସନ୍ଦେହ ଦୂର ହେଲା କିନ୍ତୁ ଏହି ତ୍ରିବିଧ କର୍ମ ଏବଂ ନିଷିଦ୍ଧ କର୍ମ କେଉଁ ସତ୍ତାର ପ୍ରେରଣାରେ ଶରୀର ଦ୍ୱାରା ସମ୍ପାଦିତ ହୁଏ, ତାହା ସ୍ପଷ୍ଟରୂପେ ବୁଝାଇଦିଅନ୍ତୁ ।

ଉତ୍ତର : ଚୋରି-ଡକାୟତି, ପ୍ରାଣିହିଂସା, ଅନ୍ୟର ଅନିଷ୍ଟ, କଳୁଷିତ ବାସନା-କାମନା ପୂର୍ଣ୍ଣ ଆଦି ନିନ୍ଦନୀୟକର୍ମ ହୁଏ ଆସୁରୀ ଶକ୍ତି ଦ୍ୱାରା ପଶୁଧର୍ମୀ ନିମ୍ନ ପ୍ରାଣ ଅଧିକୃତ ହେଲେ । ଅନ୍ୟ ଉପରେ ଆଧିପତ୍ୟ-ବିସ୍ତାର, ଅନ୍ୟ ଦେଶର ସର୍ବନାଶ, ନିଜ ନେତୃତ୍ୱ ରକ୍ଷା ସକାଶେ ବହୁତ ବ୍ୟକ୍ତିଙ୍କ ବିନାଶ, ନିଜ ସଂଘ ସକାଶେ ଅନ୍ୟର ଧନ ଅପହରଣ ଆଦି କାର୍ଯ୍ୟ ଉଚ୍ଚତର ପ୍ରାଣର । ଅନ୍ୟର, ଦେଶର, ଜଗତର ହିତସାଧନ, ସତ୍ୟ-ନ୍ୟାୟାଚରଣ, ବ୍ରହ୍ମଚର୍ଯ୍ୟପାଳନ ଇତ୍ୟାଦି ସାତ୍ତ୍ୱିକ ତଥା ନୈତିକ କର୍ମ । ଏସବୁ ସଂପାଦିତ ହୁଏ ଶୁଦ୍ଧ ବୁଦ୍ଧି ଦ୍ୱାରା ।

ଭଗବତ୍ ସମର୍ପିତ କର୍ମ ହୁଏ ଆତ୍ମ-ନେତୃତ୍ୱ ଦ୍ୱାରା । ଭାଗବତ କର୍ମ ହୁଏ ଭାଗବତୀ ଶକ୍ତି ଦ୍ୱାରା, ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବାରେ । ନିର୍ଲିପ୍ତ କର୍ମ ହୁଏ ଆତ୍ମସ୍ଥ ବା ନିର୍ବିଶେଷ ସତ୍ତାରେ ଏକ ହେବାରେ । ଏହାଛଡ଼ା ଅନ୍ୟାନ୍ୟ ଉତ୍ତମରୁ ଉତ୍ତମ କର୍ମରେ କାମନା ବିଦ୍ୟମାନ ଥାଏ ।

ପ୍ରଶ୍ନ : ଅନ୍ୟର ହିତ ସକାଶେ ଯେଉଁ କର୍ମ କରାହୁଏ, ସେଥିରେ ନିଜର ସ୍ୱାର୍ଥ ନ ଥାଏ, ତେବେ ସେହି କର୍ମ ମୂଳରେ କିପରି କାମନା ଥାଏ, ତାହା ଆହୁରି ସ୍ପଷ୍ଟ ଭାବରେ ବୁଝାଇଦିଅନ୍ତୁ ।

ଉତ୍ତର : କର୍ତ୍ତା ବିନା କର୍ମ ସଂପାଦିତ ହୋଇପାରେ ନାହିଁ । କର୍ମର କର୍ତ୍ତା ବ୍ୟକ୍ତି ହେଲେ କର୍ମର ଉଦ୍ଦେଶ୍ୟ ରହିବା ଅନିବାର୍ଯ୍ୟ । ଉଦ୍ଦେଶ୍ୟ ନ ରହିଲେ କର୍ମ ହୋଇପାରେ ନାହିଁ । ଉଦାହରଣସ୍ୱରୂପ — ଜଣେ ବ୍ୟକ୍ତି ଜଳ ଅଭାବରୁ ମୃତ୍ୟୁ

ପ୍ରାପ୍ତ ହେଉଛି, ତାକୁ ଜଳ ଦେବାର ଯେଉଁ ପ୍ରବୃତ୍ତି ତାହା ବ୍ୟକ୍ତିତ୍ୱ । କାରଣ ଯାହାକୁ ଜଳ ଦିଆହେଲା ସେ ଆପଣଙ୍କଠାରୁ ପୃଥକ୍ । ଜଳ ନ ହେଲେ ଲୋକଟି ମରିଯିବ, ସେଥିପାଇଁ ଜଳ ଦେବାକୁ ହେବ । ଏହା ହେଲା କାମନା । ବ୍ୟକ୍ତିତ୍ୱ ବା କର୍ମର କର୍ତ୍ତା ରହିଲେ କର୍ମଫଳ ଭୋଗ କରିବା ସକାଶେ ଜନ୍ମ-ମରଣ ହେବା ଆବଶ୍ୟକ ।

ଯେଉଁମାନେ ଭଗବତ୍ ପ୍ରାପ୍ତି କରିଛନ୍ତି, ସେହି ବ୍ୟକ୍ତି ଯଦି ଏହିରୂପେ ମୃତ୍ୟୁ ମୁଖରେ ପତିତ ବ୍ୟକ୍ତିକୁ ଜଳ ଦିଅନ୍ତି, ତାଙ୍କର ବ୍ୟକ୍ତିତ୍ୱ ବା କର୍ମର କର୍ତ୍ତୃତ୍ୱ ଏବଂ କର୍ମର ଉଦ୍ଦେଶ୍ୟ ନ ଥାଏ । ଭଗବାନଙ୍କ ସହିତ ତାଙ୍କ ସତ୍ତା ଏକତ୍ୱପ୍ରାପ୍ତ ହୋଇଥାଏ । ଅର୍ଥାତ୍ ସେ ଭଗବାନଙ୍କଠାରୁ ପୃଥକ୍ ନୁହନ୍ତି, ଯେଉଁ ବ୍ୟକ୍ତିକୁ ଜଳ ଦେଲେ ସେ ନିଜଠାରୁ ପୃଥକ୍ ନୁହେଁ, ତାହା ମଧ୍ୟରେ ସେ ଭଗବାନଙ୍କୁ ଦେଖନ୍ତି । ଭଗବାନ୍ ଏବଂ ଜଳ ପାଇବା ବ୍ୟକ୍ତି ନିଜଠାରୁ ପୃଥକ୍ ନ ଥିବାରୁ ଜଳ ଦେବାର ପ୍ରେରଣା ନ ଥାଏ, ତାହାର ପ୍ରେରକ ଭଗବାନ୍ । ବ୍ୟକ୍ତିତ୍ୱ ଏବଂ ପ୍ରେରଣା ଉଭୟ ଭଗବାନଙ୍କ ସହିତ ଏକ ହୋଇଥିବାରୁ କୌଣସି କର୍ମରେ କାମନା ହୁଏ ନାହିଁ, ହୁଏ ଭଗବତ୍ କର୍ମ । କାମନା ଉତ୍ପନ୍ନ ନ ହେବାରୁ କର୍ମର ଫଳ ଭୋଗିବାକୁ ପଡ଼େ ନାହିଁ ।

ଭଗବତ୍ ପ୍ରାପ୍ତି ଏବଂ ଆତ୍ମସ୍ଥ ନିର୍ଲିପ୍ତ ବା ମୁକ୍ତ ଅବସ୍ଥା ଛଡ଼ା ଅନ୍ୟର ସେବା, ଦେଶସେବା ତଥା ଅନ୍ୟାନ୍ୟ ଉତ୍ତମ କର୍ମରେ କାମନା ଥାଏ । କାମନା ଛଡ଼ା କର୍ମ ହୋଇପାରେ ନାହିଁ । ସେହି କର୍ମ ଭୋଗ କରିବା ସକାଶେ ଜନ୍ମ-ମରଣ ସ୍ୱୀକାର କରିବାକୁ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ଛଡ଼ା ପୁରାତନ ସମସ୍ତ ଯୋଗରେ ବ୍ୟକ୍ତି କର୍ମ-ବନ୍ଧନରୁ ମୁକ୍ତ ହୁଏ କିନ୍ତୁ ଜୀବନରେ କର୍ମର ମିଳନ ତଥା କର୍ମ ଦ୍ୱାରା ଜୀବନ ପୂର୍ଣ୍ଣ ହୁଏ ନାହିଁ । ଜୀବନ ପରିପୂର୍ଣ୍ଣ, କର୍ମରେ ଭଗବତ୍ ପ୍ରକାଶ, ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ଓ ସେ ପୂର୍ଣ୍ଣତଃ ରୋଗ, ଜରା, ମୃତ୍ୟୁ କବଳରୁ ମୁକ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାରେ । ଯଥାର୍ଥରେ ଏଥିରେହିଁ ହୁଏ ଜୀବନ ତଥା ଜଗତର ସକଳ ସମସ୍ୟାର ସମାଧାନ ।

ଆମର ଲକ୍ଷ୍ୟ ଯେଉଁ ପୂର୍ଣ୍ଣତା, ସେହି ସ୍ତରରେ ଆମେ ଯେତେବେଳେ ପହଞ୍ଚିବୁ, ସେତେବେଳେ ଦେଖିବୁ ଯେ ଆମେ ଯେଉଁ ସତ୍ୟର ସନ୍ଧାନ କରୁଛୁ, ତାହାର ମୁଖ୍ୟତଃ ଚାରୋଟି ବିଭାବ ଅଛି : ପ୍ରେମ, ଜ୍ଞାନ, ଶକ୍ତି ଓ ସୌନ୍ଦର୍ଯ୍ୟ । ସତ୍ୟର ଏହି ଚାରୋଟି ଗୁଣହିଁ ଆମ ସତ୍ତାରେ ସ୍ୱତଃସ୍ଫୂର୍ତ୍ତଭାବେ ନିଜକୁ ପ୍ରକାଶ କରିବେ । ଚୈତ୍ୟପୁରୁଷ ହେବେ ଯଥାର୍ଥ ଓ ବିଶୁଦ୍ଧ ପ୍ରେମର ବାହନ, ମନ ହେବ ଅଭ୍ରାନ୍ତ ଜ୍ଞାନର ବାହନ, ପ୍ରାଣ ପ୍ରକାଶ କରିବ ଏକ ଅଜେୟ ଶକ୍ତି ଓ ତେଜଃ ଏବଂ ଶରୀର ପ୍ରକାଶ କରିବ ଏକ ପୂର୍ଣ୍ଣ ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣ ସୁସଙ୍ଗତି ।

— ଶ୍ରୀମା